ଧରିତ୍ରୀ
DHARITRI

December 10-16, 2023 ₹ 2/-

ଧରିତ୍ରୀ 50 Years


ଛୁଟିଦିନ

ପ୍ରଚ୍ଛଦ ପ୍ରସଙ୍ଗ

୩

# ଅନ୍ନପୂର୍ଣ୍ଣା ଥିଏଟର କାଲି ଓ ଆଜି

ଦିନେ ଓଡ଼ିଶାର ନାଟ୍ୟପ୍ରେମୀ ଓ ନାଟ୍ୟ ଅଭିନେତାଙ୍କର ପ୍ରାଣ ହୋଇ ରହିଥିବା ଅନ୍ନପୂର୍ଣ୍ଣା ଥିଏଟରର ଆରମ୍ଭ ଓ ଏବେ ଯାଏର ଯାତ୍ରା ସମ୍ପର୍କରେ...



# ୱିଣ୍ଡ ଚାଇମ୍ ପାଇଁ ବାସ୍ତୁ

ୱିଣ୍ଡ ଚାଇମ୍ କେବଳ ଘରର ଶୋଭା ବଢ଼ାଏ ନାହିଁ, ଏହା ଅନେକ ବାସ୍ତୁଦୋଷକୁ ବି ଠିକ୍ କରିଥାଏ ବୋଲି ବିଶ୍ୱାସ ରହିଛି। ତେବେ କେଉଁ କଲରର ୱିଣ୍ଡ ଚାଇମ୍ ଘରର କି ଉପକାର କରିଥାଏ, ଜାଣନ୍ତୁ ସେ ସମ୍ପର୍କରେ...



* ବାସ୍ତୁଶାସ୍ତ୍ର ଅନୁଯାୟୀ, ଯଦି ରୁପା ବା ସିଲଭର୍ କଲରର ୱିଣ୍ଡ ଚାଇମ୍‌କୁ ଘରର ପଶ୍ଚିମ କିମ୍ବା ଉତ୍ତର ଦିଗରେ ଟାଙ୍ଗି ଦିଆଯାଏ, ଏହା ପିଲାଙ୍କ ପାଇଁ ସୌଭାଗ୍ୟ ଆଣିବା ସହ ଘରର ମାନ ସମ୍ମାନ ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ସେହିପରି ନାରଙ୍ଗୀ ରଙ୍ଗର ୱିଣ୍ଡ ଚାଇମ୍ ଘରକୁ ସୌଭାଗ୍ୟ ଆଣିଥାଏ। ପରିବାରରେ ହସ ଖୁସିର ମାହୋଲ ଭରିଦେବାରେ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।
* ସୁଖସମୃଦ୍ଧିର ପ୍ରତୀକ ଭାବେ ଗୋଲ୍ଡେନ୍ କଲରର ୱିଣ୍ଡ ଚାଇମ୍‌କୁ ଘରର ପ୍ରବେଶ ଦ୍ୱାର ହେଉ ଅବା ଠାକୁରଘରେ ଟାଙ୍ଗିପାରିବେ।
* ବାଉଁଶରେ ତିଆରି ୱିଣ୍ଡ ଚାଇମ୍ ଘରକୁ ନିଆରା ଆକର୍ଷଣ ଦେଇଥାଏ। ତା'ସହ ଏହା ଘରେ ସକାରାତ୍ମକ ଉର୍ଜା ବୃଦ୍ଧି କରିବାରେ ସହାୟକ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୦-୧୬

**ମେଷ**
ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, ନିଷ୍ପତିର ପରିବର୍ତ୍ତନ, ବ୍ୟବସାୟରେ ଉନ୍ନତି, ଦୂର ଯାତ୍ରାରେ ଦ୍ୱନ୍ଦ୍ୱ, ଅର୍ଥସାହାଯ୍ୟ ପାଇବେ, ମନ ବିଚଳିତ ରହିବ। କଳାସାହିତ୍ୟରେ ଉନ୍ନତି, ରାଜନୈତିକ ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ, ମିତ୍ରତା ବୃଦ୍ଧି ॥

**ବୃଷ**
ବୈଷୟିକ ଅଭିବୃଦ୍ଧି, ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗ, ବନ୍ଧୁସମ୍ପର୍କ ସୃଷ୍ଟି, ଯାତ୍ରାରେ ସମସ୍ୟା, ସୁଯୋଗ ହରାଇପାରନ୍ତି, ସୌଖୀନ ଦ୍ରବ୍ୟ କ୍ରୟ, ସାମାଜିକ କାମରେ ପ୍ରଶଂସା, ବ୍ୟୟ ବୃଦ୍ଧିରୁ ମନସ୍ତାପ, ଶୁଭଖବର ପ୍ରାପ୍ତି ॥

**ମିଥୁନ**
କାର୍ଯ୍ୟ ସ୍ଥଗିତ ରହିବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସ୍ୱାସ୍ଥ୍ୟରେ ଅବନତି, ବିଗତ ଘଟଣାର ସମୀକ୍ଷା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ବନ୍ଧୁସମ୍ପର୍କ ଯୋଡ଼ିବେ, ଆତ୍ମନିର୍ଭରଶୀଳ ହୋଇପାରନ୍ତି, ତୀର୍ଥାଟନର ସୁଯୋଗ ॥

**କର୍କଟ**
ଶାରୀରିକ ସୁସ୍ଥତା, ଅବହେଳାରୁ କାର୍ଯ୍ୟହାନୀ, ପେଟଗୋଳମାଳରୁ ପୀଡ଼ା, ଯାତ୍ରା ବିଳମ୍ବରେ ହେବ, ମଉଜ ମଜଲିସର ମଉକା, ଶୁଭ ଖବର ପାଇବେ, କଚେରୀ ମାମଲାରେ ବିଜୟ, ବିଦେଶଯାତ୍ରାର ସୁଯୋଗ ॥

**ସିଂହ**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପାରିବାରିକ ଶାନ୍ତି, ଋଣ ପରିଶୋଧ କରିବେ, ଶୁଭ ଖବର ପାଇପାରନ୍ତି, ଧର୍ମକାର୍ଯ୍ୟରୁ ପ୍ରଶଂସା, ସ୍ୱାସ୍ଥ୍ୟରେ ଅବନତି, ବୁଝାମଣାରେ ସମାଧାନ, ଭ୍ରାତୃସମ୍ପର୍କରେ ଉନ୍ନତି।

**କନ୍ୟା**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମାଲୋଚନାର ପାତ୍ର ହେବେ, ବନ୍ଧୁଙ୍କୁ ଭୁଲ୍ ବୁଝିପାରନ୍ତି, ଟେନସନ୍ ବଢ଼ିବ, ତିର୍ଥାଟନ ସୁଯୋଗ ପାଇବେ, ପ୍ରତିବନ୍ଧକ ଦୂରେଇ ଯିବ, ବ୍ୟବସାୟରେ ବିଫଳତା, ଆମୋଦ ପ୍ରମୋଦ, ଆନୁଷ୍ଠାନିକ କାମରୁ ପ୍ରଶଂସା, ବାଣିଜ୍ୟରେ ପ୍ରତିବନ୍ଧକ, ସନ୍ତାନ ହେତୁକ ଗୌରବ ॥

**ତୁଳା**
କାର୍ଯ୍ୟସିଦ୍ଧିରୁ ପ୍ରଶଂସା, ଦୂରଯାତ୍ରା କରିବେ, ପାରିବାରିକ ସୌଖ୍ୟ, ସମସ୍ୟା ସୁଧୁରିଯିବ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ମୂଲ୍ୟବାନ ଦ୍ରବ୍ୟ ଲାଭ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ, ସାମ୍ବାଦିକତାରେ ଗୌରବ ବୃଦ୍ଧି, ଯୋଗଶିକ୍ଷାରେ ରୁଚି ॥

**ବିଛା**
ଦୈହିକ ଦୁର୍ବଳତା, କାର୍ଯ୍ୟରେ ଅବହେଳା, ସହକର୍ମୀଙ୍କ ଅସହଯୋଗ, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ଯାନ୍ତ୍ରିକ ଜିନିଷ ଲାଭ, ଘରୋଇ କଳହରୁ ଅଶାନ୍ତି, ବ୍ୟବସାୟରୁ ଅର୍ଥଲାଭ, ଯାନ୍ତ୍ରିକ ତ୍ରୁଟି, ଯାତ୍ରା ସ୍ଥଗିତ ରହିବ ॥

**ଧନୁ**
ମାନସିକ ଅସୁସ୍ଥତା, ଯାତ୍ରା ବ୍ୟାହତ ହୋଇପାରେ, ପ୍ରତୀକ୍ଷାର ଅନ୍ତ ଘଟିବ, ଲୋକସମ୍ପର୍କ ବୃଦ୍ଧି, ପାରିଶ୍ରମିକ କମ୍ ହୋଇପାରେ, କ୍ରନିକ୍ ରୋଗରେ ପୀଡ଼ା, ପଡ଼ୋଶୀଙ୍କ ପ୍ରତାରଣା, ସନ୍ତାନଙ୍କ ବିଶୃଙ୍ଖଳା, ଶତ୍ରୁତାରୁ କାର୍ଯ୍ୟହାନୀ, ଧର୍ମକାର୍ଯ୍ୟରେ ବିଘ୍ନ, ସଭାସମିତିରୁ ପ୍ରଶଂସା ॥

**ମକର**
ଶୁଭଖବରରୁ ଆନନ୍ଦ, ଟେନ୍‌ସନ କମିଯିବ, ସହକର୍ମୀ ଭୁଲ୍ ବୁଝିବେ, ଦୂରସ୍ଥାନକୁ ଯାତ୍ରା, ସ୍ୱାସ୍ଥ୍ୟରେ ସମସ୍ୟା, ଉଚ୍ଚସମ୍ମାନ ପାଇବେ, ଗୃହବିବାଦରୁ ଅଶାନ୍ତି, ମାଲିମକଦ୍ଦମାରେ ସଫଳତା, ସାମାଜିକ ସମ୍ମାନ, ସାହିତ୍ୟରେ ଉନ୍ନତି, ନୂତନ ନିଯୁକ୍ତି ପାଇପାରନ୍ତି ॥

**କୁମ୍ଭ**
ଅବହେଳାରୁ ମନସ୍ତାପ, ବାଣିଜ୍ୟରେ ଉନ୍ନତି, ଯାତ୍ରାରେ ସଫଳତା, ବ୍ୟୟ ବୃଦ୍ଧିରୁ ମନସ୍ତାପ, ପାରିବାରିକ ସୌଖ୍ୟ, ମିତ୍ର ବନ୍ଧୁ ଜୁଟିବେ, ନୂତନ କର୍ମାରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭ୍ରାତୃପ୍ରୀତି ମିଳିପାରେ, ଭ୍ରମଣ ସୁଯୋଗ ପାଇବେ, ନୀଚଜନ ସହ ବିବାଦ ॥

**ମୀନ**
କର୍ମକ୍ଷେତ୍ରରେ ପ୍ରଶଂସା, ବ୍ୟୟ ବୃଦ୍ଧି, କାର୍ଯ୍ୟ ବ୍ୟସ୍ତତା, ସାମାଜିକ ସମ୍ମାନ, ଯାତ୍ରାରେ ସଫଳତା, ଆତ୍ମୀୟମାନେ ଦୂରେଇ ଯିବେ, ଯୋଜନା କାର୍ଯ୍ୟକାରୀ ହେବ, ବନ୍ଧୁଙ୍କ ପ୍ରେରଣାପ୍ରାପ୍ତି, ରାଜକୀୟ ସମ୍ମାନ ପାଇବେ, ଦ୍ୱନ୍ଦ୍ୱର ଅବସାନ ଘଟିବ, ଆଶଙ୍କା ଦୂର ହୋଇଯିବ ॥

# ଶୀତ ପାଇଁ ମହୌଷଧି

**ଶୀ**ତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକେ ଶୀତବସ୍ତ୍ର ବ୍ୟବହାର କରିଥାନ୍ତି। କିନ୍ତୁ ଏହିଦିନେ ଶରୀର ପାଇଁ ବାହ୍ୟ ଉଷ୍ମତା ସହ ଆଭ୍ୟନ୍ତରୀଣ ଉଷ୍ମତାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି; ଯାହା ମିଳିଥାଏ କିଛି ବିଶେଷ ଖାଦ୍ୟ ପଦାର୍ଥରୁ। ଯେମିତିକି ଗୁଡ଼ ସେବନକଲେ ଅଧକପାଳି ମୁଣ୍ଡବିନ୍ଧା, ଥଣ୍ଡା, ଶ୍ୱାସରୋଗରୁ ଉପଶମ ମିଳିବା ସହ ପାଚନକ୍ରିୟା ଠିକ୍ ହୋଇଥାଏ। ଶୀତଦିନେ ଗୁଡ଼ ଓ ରାଶି କିମ୍ବା ଗୁଡ଼ ଓ ଚିନାବାଦାମର ଲଡୁ ଖାଇଲେ ଶରୀରକୁ ଉଷ୍ମତା ମିଳିଥାଏ। ସେହିପରି ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୁର୍ତ୍ତି ରଖିବାରେ ମହୁର ବିଶେଷ ଭୂମିକା ରହିଛି। ପାଚନକ୍ରିୟାକୁ ଠିକ୍ ରଖିବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖାସ୍‌କରି ଶୀତଦିନେ ମହୁ ଖାଇଲେ ଶରୀରକୁ ବେଶ୍ ଫୁର୍ତ୍ତି ଲାଗିଥାଏ। ଶୀତଦିନେ ରାଶି ଖାଇଲେ ବି ଶରୀରରେ ଉର୍ଜା ବୃଦ୍ଧି ହୋଇଥାଏ। ମିଶିରି ଓ ରାଶିକୁ ପାଣିରେ ଫୁଟାଇ ପିଇବା କଫ ସମସ୍ୟା ପାଇଁ ଲାଭଦାୟକ। ସେହିପରି ଖଜୁରାରେ ବିଭିନ୍ନ ପ୍ରକାର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଥାଏ। ଶୀତଦିନେ ଏହାକୁ ଖାଇଲେ ଶରୀରକୁ ଉଷ୍ମତା ମିଳିବା ସହ ଉର୍ଜା ବୃଦ୍ଧି ହୋଇଥାଏ। କେବଳ ଏତିକି ନୁହେଁ, ପିସ୍ତାବାଦାମ, ଅଖରୋଟ, ଅଦା, ହଳଦୀ, ଡାଳିମ୍ବ, ରସୁଣ, ମେଥିପତ୍ର, ବାଜରା ଆଦି ଖାଦ୍ୟଦ୍ରବ୍ୟ ବି ଶୀତଦିନେ ଖାଇବା ଲାଭଦାୟକ ହୋଇଥାଏ।



# ପାଠକୀୟ

* ଏଠି ଯୁବପିଢ଼ିଙ୍କ ଭିତରେ ଚାକିରି ପାଇଁ ଚିନ୍ତା ନାହିଁ। ନିଜ କୌଳିକ ବୃତ୍ତିକୁ ଆଗେଇ ନେବାର ନିଶା ଆଜି ତାଙ୍କୁ ଜଣେ ଜଣେ ସଫଳ ବ୍ୟବସାୟୀ କରିଛି। କେବଳ ଜଣେ କି ୨ଜଣ ନୁହନ୍ତି ୨୭ ପାଟଣାକୁ ନେଇ ଗଠିତ ବନମାଳୀପୁରର କାହାଣୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବଣିଜର ଗାଁ ବନମାଳୀପୁର' ଏକ ନିଆରା ଆଲେଖ୍ୟ ଥିଲା। 'ବାସ୍ତୁ ଅନୁଯାୟୀ କେଉଁ ମୂର୍ତ୍ତି ରଖିବା ଜରୁରୀ', 'ଶୋଇବାକୁ ନେଇ ନିୟମ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅର୍ଦ୍ଧେନ୍ଦୁ ସାହୁ, ପାଣିକୋଇଲି, ଯାଜପୁର*

* ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଲିପାଟଣା ବ୍ଲକ ଅଧୀନରେ ରହିଛି ବନମାଳୀପୁର। ଏହା ଏମିତି ଏକ ସ୍ଥାନ, ଯେଉଁଠି ଘରେ ଘରେ ବ୍ୟବସାୟୀ। ୨୭ ପାଟଣାକୁ ନେଇ ଗଠିତ ଏହି ବନମାଳୀପୁର ଓଡ଼ିଶାର ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ; ଯାହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କଥାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବଣିଜର ଗାଁ ବନମାଳୀପୁର' ଏକ ଶିକ୍ଷଣୀୟ ବିଷୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଗୋଲ୍ଡେନ୍ ଶାଢ଼ି ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ପ୍ରଣତୀ ସ୍ୱାଇଁ, ଭଦ୍ରକ*

* 'ଚଣ୍ଡେଶ୍ୱର ପୀଠରେ କାର୍ତ୍ତିକ ମେଳା' ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜିଦି' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। 'ଶାନ୍ତିର ନୀରବତା', 'ଛଳନା' ଶୀର୍ଷକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଥିଲା। ବିଶେଷକରି ଏଥିରେ ସ୍ଥାନିତ ଅନନ୍ୟା ପାଣ୍ଡେଙ୍କ ଫଟୋଟି ବହୁତ ସୁନ୍ଦର ଦେଖାଯାଉଥିଲା।

*– ତେଜସ୍ୱିନୀ ମହାନ୍ତି, ଭୋଇନଗର, ଭୁବନେଶ୍ୱର*

* ଲେଖିକା ଡା.ସୁରଭି ଭଞ୍ଜଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍ ଭରା ଲାଗୁଥିଲା। 'ସେଲିବ୍ରିଟିଙ୍କ ଭୟ' ବିଷୟଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ଥିଲା। ସହର ପୃଷ୍ଠାରୁ ମନୋରମ ପର୍ଯ୍ୟଟନସ୍ଥଳୀ କୁର୍ସିୟାଙ୍ଗ୍ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସୌମ୍ୟରଞ୍ଜନ ତ୍ରିପାଠୀ, ଝାରସୁଗୁଡ଼ା*

* ବିବିଧା ପୃଷ୍ଠାରେ ସ୍ଥାନିତ 'ଅନ୍ତରୀକ୍ଷ ଅନ୍ଧକାରମୟ କାହିଁକି' ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେହିପରି ଏଥରର ବ୍ୟଙ୍ଗ 'କର୍ମ ତୋହାର ନିଜ ଗୁରୁ'ଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରଙ୍ଗ ବଦଳାଏ ଏହି ମାଛ', 'ପୋଟ୍ରେଟ୍ ନୁହେଁ କୁକିଜ୍' ତଥା 'ପିରାମିଡ୍ କାର୍' ଶୀର୍ଷକ ଲେଖାଗୁଡ଼ିକ ବି ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ସ୍ୱୟଂଶ୍ରୀ ବଳିୟାରସିଂହ, କେନ୍ଦୁଝର*

## ବିଶେଷ ଚିଠି



**ବ**ଣିଜର ଗାଁ ବନମାଳୀପୁର
ଥିଲା ଏକ ନିଆରା ଆଲେଖ୍ୟ,
କରୁଥିଲା କିମିଆ ସଭିଙ୍କୁ
ଦେଉଥିଲା ନୂଆ ନୂଆ ଶିକ୍ଷା।
ତା'ସାଙ୍ଗକୁ ପୁଣି ସାଥୀ, ସିନେମା
ଲାଇଫ୍ ଷ୍ଟାଇଲ୍ ଓ ସହରଠୁ ଦୂର,
ଅନେକ କଥା ଶିଖାଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ସେଥିପାଇଁ ହେ ମୋ ପ୍ରିୟ ଛୁଟିଦିନ
ତୁମକୁ ସର୍ବଦା ଝୁରେ ମୋର ଏହି ମନ।

*– ଆଲୋକ ଦାଶ, ଉତ୍ତରା, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଅନ୍ନପୂର୍ଣ୍ଣା ଥିଏଟରର କାଲି ଓ ଆଜି

**ଦିନେ ଓଡ଼ିଶାର ନାଟ୍ୟପ୍ରେମୀ ଓ ନାଟ୍ୟ ଅଭିନେତାଙ୍କର ପ୍ରାଣ ହୋଇ ରହିଥିବା ଅନ୍ନପୂର୍ଣ୍ଣା ଥିଏଟରର ଆରମ୍ଭ ଓ ଏବେ ଯାଏର ଯାତ୍ରା ସମ୍ପର୍କରେ...**

ଆଜକୁ ପ୍ରାୟ ୯୦ ବର୍ଷ ତଳେ ଓଡ଼ିଶାର ନାଟ୍ୟପ୍ରେମୀଙ୍କର ପ୍ରାଣ କହିଲେ ଯାହାକୁ ବୁଝା ଯାଉଥିଲା ସେ ହେଲା ଅନ୍ନପୂର୍ଣ୍ଣା ଥିଏଟର। ଯାହା ପ୍ରଥମେ ଓଡ଼ିଶାର ଏକ ଅଖ୍ୟାତ ପଲ୍ଲୀରେ ଗଢି ଉଠିଥିଲା। ସମୟକ୍ରମେ ଏହି ରଙ୍ଗମଞ୍ଚ ପୁରୀରେ ଅନ୍ନପୂର୍ଣ୍ଣା ଏ'ଗ୍ରୁପ ଏବଂ କଟକରେ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ଭାବେ ବିଭକ୍ତ ହୋଇଥିଲା। କିନ୍ତୁ ଏହାର ମୂଳ ଦୁଆ ପଡ଼ିଥିବା ସେହି ଅଖ୍ୟାତ ପଲ୍ଲୀଟି ଥିଲା ଅଭିବ୍ୟକ୍ତ ପୁରୀ ଜିଲାର ବାଣପୁର ଅଞ୍ଚଳର ଏକ ଛୋଟ ଗାଁ। ଯାହା ଏବେ ଖୋର୍ଦ୍ଧାଜିଲାର ଚିଲିକା ବ୍ଲକ ଅଧିନ ଖଣ୍ଡୁଆଳକୋଟ, ଯାହାକୁ ଅନ୍ନପୂର୍ଣ୍ଣା ଥିଏଟରର ଏନ୍ତୁଡ଼ିଶାଳ ବି କୁହାଯାଏ। କାରଣ ଏହିଠାରୁ ହିଁ ଅନେକ କଳାକାର ପରବର୍ତ୍ତୀ ସମୟରେ ନାଟକ ଓ ଚଳଚ୍ଚିତ୍ରରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଆଜି ସେମାନଙ୍କ ମଧ୍ୟରୁ ଅନେକେ ନାହାନ୍ତି। କେହି କେହି ବୟସର ଅପରାହ୍ନରେ ଉପନୀତ।

**ଅନ୍ନପୂର୍ଣ୍ଣାର ଅନ୍ତୁଡ଼ିଶାଳ:** ୧୬ନମ୍ବର ଜାତୀୟ ରାଜପଥରେ ବାଲୁଗାଁ–ଚିଲିକା ଯିବାବାଟରେ ହରିକୁଣ୍ଡ ବରଡ଼ିଛକଠାରୁ ପୁରୁଣା ୫ନମ୍ବର ଜାତୀୟ ରାଜପଥର ସରଳସିଂଗେଟ ପାର ହୋଇ କିଛିଦୂର ପରେ ପଡ଼ିବ କୁମ୍ଭିରପଡ଼ା ଛକ। ଏଠାରୁ ପୂର୍ବ ଆଡ଼କୁ ପ୍ରାୟ ୨କିମି ରାସ୍ତା ଯିବା ପରେ ପଡ଼ିବ ଲମ୍ବୋଦରପୁର। ଯେଉଁଠି ରହିଛି ଅନ୍ନପୂର୍ଣ୍ଣା ଥିଏଟରର ଆଖଡାଶାଳ। କିନ୍ତୁ ଅଭିଭକ୍ତ ପୁରୀ ଜିଲାର ବାଣପୁର ଅଞ୍ଚଳର ଖଣ୍ଡୁଆଳକୋଟ ଗାଁ, ଯାହାକି ବର୍ତ୍ତମାନ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକରେ ଅବସ୍ଥିତ। ଏହିଠାରେ ପ୍ରଥମେ ଅନ୍ନପୂର୍ଣ୍ଣ ଥିଏଟରର ମୂଳଦୁଆ ପଡ଼ିଥିଲା।


ଏହି ଗାଁର ରବୀନ୍ଦ୍ର ନାଥ ନନ୍ଦ ଯେ କି ଅତୀତରେ ଅନ୍ନପୂର୍ଣ୍ଣା ଥିଏଟର ଏବଂ ଏକାଧିକ ଓଡ଼ିଆ ସିନେମାରେ କାର୍ଯ୍ୟ କରିଥିଲେ ସେ କୁହନ୍ତି, 'ଏହି ଗାଁରେ ସୋମନାଥ ଦାଶ ଜଣେ ଜମିଦାର ଥିଲେ। ଯିଏକି କଳାସଂସ୍କୃତିକୁ ଭଲପାଉଥିଲେ। ସେ ଅନ୍ନପୂର୍ଣ୍ଣା ଥିଏଟରର ପ୍ରତିଷ୍ଠାତା ଥିଲେ। ଅନ୍ନପୂର୍ଣ୍ଣା ଥିଏଟରର ସୁନାମ ପାଇଁ ସାରା ଓଡ଼ିଶାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସେତେବେଳେ ଅବିଭକ୍ତ ପୁରୀଜିଲାରେ ଆମ ଅଞ୍ଚଳ ରହିଥିଲା। ଖଣ୍ଡୁଆଳକୋଟ ଗାଁର ନର୍ତ୍ତକ ଲିଙ୍ଗରାଜ ନନ୍ଦ ଓ ସୁଗାୟକ ଚକ୍ରପାଣି ଦାଶ ଗାଁରେ ନାଟକ ମଞ୍ଚସ୍ଥ ପାଇଁ ଚିନ୍ତା କରିଥିଲେ। ଏମାନଙ୍କ ଉଦ୍ଦେଶ୍ୟ ଥିଲା ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟିକରିବା। ସେଥିପାଇଁ ଚକ୍ରପାଣି ଦାଶ, ଲିଙ୍ଗରାଜ ନନ୍ଦ, ହରି ବଳବନ୍ତରାୟ, ଘିଖଳା ଗାଁର ନଟବର ପାଢଶାଣୀ, ଲମ୍ବୋଦର ପୁରର ନଟବର ସେଣ, ବଟକୃଷ୍ଣ ସେଣ, ଉଦୟ ବିଶ୍ୱାଳ, ବୁଦ୍ଧିଆ ମିସ୍ତ୍ରୀ ପ୍ରମୁଖ ସାମିଲ ହୋଇ ଲମ୍ବୋଦରପୁର ନାଟ୍ୟମଣ୍ଡଳୀ, ଅନ୍ନପୂର୍ଣ୍ଣା। ନାଟ୍ୟମଣ୍ଡଳୀ ଗଢି କେତେଜଣ ଉତ୍ସାହୀ ଯୁବକ ଏକାଠି ହୋଇ ବୈଷ୍ଣବ ପାଣିଙ୍କ 'କର୍ଣ୍ଣବଧ' ଗୀତିନାଟ୍ୟ ପରିବେଷଣ କରିଥିଲେ। ମାତ୍ର ନାଟକ ମଞ୍ଚସ୍ଥ ଓ ପରିଚାଳନା ପାଇଁ ଅର୍ଥର ଆବଶ୍ୟକତା ପଡୁଥିବାରୁ ସମୟକ୍ରମେ ଖଣ୍ଡୁଆଳକୋଟର ଜମିଦାର ସୋମନାଥ ଦାଶଙ୍କ ସହଯୋଗ ଲୋଡ଼ିଥିଲେ। ଏଥିଯୋଗୁ ତାଙ୍କ ଉଦ୍ୟମରେ ୧୯୩୩ ମସିହାରେ ଗଢିଉଠିଥିଲା ଅନ୍ନପୂର୍ଣ୍ଣା ଥିଏଟର। ଏଥିରେ ଆଖପାଖ ଗାଁର କଳାକାର ଏବଂ ଆଉ କେତେଜଣ ଜଣାଶୁଣା ବ୍ୟକ୍ତିଙ୍କ ସହଯୋଗ ରହିଥିଲା।' ଅନ୍ନପୂର୍ଣ୍ଣା ଥିଏଟରର ପ୍ରତିଷ୍ଠାତା ସ୍ୱର୍ଗତ ସୋମନାଥ ଦାଶଙ୍କ ନାତି ମନୋଜ ଦାଶ କୁହନ୍ତି, 'ପରିବାର ଲୋକଙ୍କଠାରୁ ଶୁଣିଥିଲି ମୋ ଅଜା ସୋମନାଥ ଦାଶଙ୍କର ପତ୍ନୀଙ୍କ ନାମ ଥିଲା ଚଞ୍ଚଳା। ସେ ଶ୍ରଦ୍ଧାରେ ତାଙ୍କୁ ଅନ୍ନପୂର୍ଣ୍ଣା ଡାକୁଥିଲେ। ସେଥିପାଇଁ ଅଜା ତାଙ୍କ ପତ୍ନୀଙ୍କ ନାମରେ ଅନ୍ନପୂର୍ଣ୍ଣା ଥିଏଟର ନାମକରଣ କରିଥିଲେ। ଅଜାଙ୍କ ଘର ଅଗଣାରେ ସେତେବେଳେ ଅନ୍ନପୂର୍ଣ୍ଣା ଥିଏଟର ନାଟକର ରିହର୍ସାଲ ହେଉଥିଲା। ଅନ୍ନପୂର୍ଣ୍ଣା ଥିଏଟର ପାଇଁ ତାଙ୍କୁ ଗଜପତିଙ୍କଠାରୁ ସ୍ୱତନ୍ତ୍ର ଉପାଧି ମିଳିଥିଲା। ସେତେବେଳେ ଖୁବ୍ କମଦିନ ମଧ୍ୟରେ ଅନ୍ନପୂର୍ଣ୍ଣା ଥିଏଟର ସାରା ରାଜ୍ୟରେ ନାଟକ ପରିବେଷଣରେ ଦର୍ଶକଙ୍କ ମନକୁ ଜିଣିପାରିଥିଲା। ଅନ୍ନପୂର୍ଣ୍ଣାର ଥିଏଟରରେ କଳାକାରଙ୍କ ନିଖୁଣ ଅଭିନୟ ତାର ଲୋକପ୍ରିୟତା ଯୋଗୁ ସେତେବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ଆଗ୍ରହୀ କଳାପ୍ରେମୀ ବ୍ୟକ୍ତିମାନେ ଏହି ଅନୁଷ୍ଠାନରେ ନାଟକ ଶିଖିବାକୁ ବହୁଦୂରଦୂରାନ୍ତରୁ ଧାଇଁ ଆସୁଥିଲେ। ଏଥିଯୋଗୁ ଆଖପାଖ ଗାଁର ଲୋକମାନେ ଖଣ୍ଡୁଆଳ ଗାଁକୁ ଓଡ଼ିଆ ନାଟକ ଜଗତର ପେଣ୍ଠସ୍ଥଳ ବୋଲି କହୁଥିଲେ। ସୋମନାଥ ଦାଶଙ୍କ ୨।୬।୧୯୬୭ରେ ବିୟୋଗ ହୋଇଥିଲା।'

ସେହିପରି ଲମ୍ବୋଦରପୁର ଗାଁ ଅବସରପ୍ରାପ୍ତ ଶିକ୍ଷକ ରଜନୀ ସେଣ କୁହନ୍ତି, 'ମୋ ବାପା ନଟବର ସେଣ ବହୁବର୍ଷଧରି ଅନ୍ନପୂର୍ଣ୍ଣା ଥିଏଟର ସହିତ ଜଡ଼ିତ ଥିଲେ। ଥିଏଟର ଓ ସିନେମା କଳାକାର ଭାବେ ତାଙ୍କର ପରିଚୟ ରହିଛି। ସେ ଓଡ଼ିଶା ସଙ୍ଗୀତ ନାଟକ ବିଭାଗରୁ ପୁରସ୍କୃତ ହୋଇଥିଲେ । ସମୟକ୍ରମେ ସୋମନାଥ ଦାଶ ଅନ୍ନପୂର୍ଣ୍ଣା ଥିଏଟରର ମାଲିକାନା ସ୍ୱତ୍ୱ ରଖି ଲିଙ୍ଗରାଜ ନନ୍ଦ ଓ ବାଉରୀବନ୍ଧୁ ମହାନ୍ତିଙ୍କୁ ପରିଚାଳନା ଦାୟିତ୍ୱ ଦେଇଥିଲେ।' ପରବର୍ତ୍ତୀ ସମୟରେ କଳାକାରଙ୍କ ସଂଖ୍ୟା ବଢିବାରୁ ଏହା ଅନ୍ନପୂର୍ଣ୍ଣ ଏ ଗ୍ରୁପ ଓ ଅନ୍ନପୂର୍ଣ୍ଣା ବି ଗ୍ରୁପ ଭାବେ ଦୁଇ ଭାଗରେ ବିଭକ୍ତ ହେଲା।

**ଅନ୍ନପୂର୍ଣ୍ଣା ଥିଏଟର ଏ' ଗ୍ରୁପ୍ :** ୧୯୪୧ ମସିହାରେ ପୁରୀ ବଡ଼ଦାଣ୍ଡରେ ଅନ୍ନପୂର୍ଣ୍ଣା ଥିଏଟର ପାଦ ଦେଇଥିଲା । ୧୯୪୨ବେଳକୁ ଏହା ବେଶ୍ ଲୋକପ୍ରିୟ ହୋଇଯାଇଥିଲା। କିନ୍ତୁ ୧୯୪୪ ବେଳକୁ ଏହା ଦୁଇଭାଗ ହୋଇଯାଇଥିଲା। ପୁରୀରେ ଅନ୍ନପୂର୍ଣ୍ଣା ଥିଏଟର ଏ' ଗ୍ରୁପ୍‌ର ପରିଚାଳକ ଭାବେ ବାଉରୀବନ୍ଧୁ ମହାନ୍ତି ଏବଂ ପ୍ରତିଷ୍ଠାତା ସୋମନାଥ ଦାଶ ବୁଝୁଥିଲେ। ପରେ ତାଙ୍କ ପୁତୁରା ମୋହନ ରଥ ଏବଂ ଶଶିଭୂଷଣ ରଥ ଦାୟିତ୍ୱ ସମ୍ଭାଳିଲେ। କଟକରେ ଅନ୍ନପୂର୍ଣ୍ଣା ବି' ଗ୍ରୁପ୍ ରହିଲା। ନାଟ୍ୟକାର, କଳାକାର ଓ ନିର୍ଦ୍ଦେଶକ ଦୁଇଟି ଗ୍ରୁପ୍‌ରେ ରହିଲେ। କିନ୍ତୁ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଏ ଗ୍ରୁପ୍ ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟକରିଥିବା ବାଉରୀବନ୍ଧୁଙ୍କର ଅକାଳ ବିୟୋଗ ଘଟିଥିଲା। ଫଳରେ କିଛିଦିନ ଏହି ନାଟ୍ୟ ଅନୁଷ୍ଠାନ ଶିଥିଳ ପଡ଼ିଯାଇଥିଲା। ଅନୁଷ୍ଠାନ ଉପରେ ନିର୍ଭରଶୀଳ ପରିବାର ବହୁ ଅସୁବିଧାରେ ଚଳିଲେ। ଏଥି ଯୋଗୁ ସେତେବେଳର ଜିଲାପାଳଙ୍କୁ ପରିଚାଳନା କମିଟିର ଅଧ୍ୟକ୍ଷ କରିବାକୁ ୧୯୮୯ରେ ନିର୍ଦ୍ଦେଶନାମା ଜାରିକଲା ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ବିଭାଗ। ସମିତି ଆଇନ ଅନୁଯାୟୀ ଅନ୍ନପୂର୍ଣ୍ଣା ଥିଏଟର ଚାଲିଲା। ହେଲେ ଏଥିରେ ସରକାରୀ କର୍ତ୍ତୃତ୍ୱ ବେଶିଦିନ ରହିପାରିଲା ନାହିଁ। ଅନ୍ନପୂର୍ଣ୍ଣା ଥିଏଟର ପରିଚାଳନା ପାଇଁ ପ୍ରତିବର୍ଷ ମିଳୁଥିବା ସ୍ୱଳ୍ପ ସରକାରୀ ଅନୁଦାନ ଧୀରେଧୀରେ ବନ୍ଦ ହୋଇଗଲା। ଫଳରେ ଏହି ଅନୁଷ୍ଠାନ ଆଗକୁ ଆଉ ବଢି ପାରିଲା ନାହିଁ। ଏହି ରଙ୍ଗମଞ୍ଚର ବିକାଶ ପାଇଁ ୨୦୦୩ ଅଗଷ୍ଟ ୧୯ରେ ପ୍ରଥମଥର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀଙ୍କୁ ଅନ୍ନପୂର୍ଣ୍ଣାର ଦାୟିତ୍ୱ →









ଅନ୍ନପୂର୍ଣ୍ଣା କଳାକାର (ଫାଇଲ ଫଟୋ)


ସୋମନାଥ ଦାଶ


ଲୟୋଦରପୁର ଠାରେ ଥିବା ଅନ୍ନପୂର୍ଣ୍ଣା ଥିଏଟରର ଆଖଡାଘର





ଖଣ୍ଡୁଆଳ ଠାକୁରାଣୀ

ଦିଆଯାଇଥିଲା। ଅନ୍ନପୂର୍ଣ୍ଣା ଥିଏଟର ଏ'ଗ୍ରୁପ୍ ସମ୍ପର୍କରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଏ'ଗ୍ରୁପ୍‌ର କଳାକାର ରୀନା ମଲିକ କୁହନ୍ତି, ଆମଘର ନିମାପଡ଼ା ଚାରିଛକରେ । ମୋତେ ସେତେବେଳେ ବୟସ ପ୍ରାୟ ୭ବର୍ଷ ହେବ। ଦୁର୍ଲଭ ସିଂଙ୍କ ଠାରୁ ନାଚ ଗୀତ ଶିଖୁଥିଲି । ଏଥିରେ ସାମିଲ ହେଲି। ଅନ୍ନପୂର୍ଣ୍ଣା ଥିଏଟର ଦେଖିବାକୁ ଦୂରଦୂରାନ୍ତ ଗାଁରୁ ଲୋକମାନେ ଶଗଡ଼ ଧରି ଆସୁଥିଲେ । ସାଥିରେ ଚୁଡ଼ା ଚାଉଳ ବି ଆଣୁଥିଲେ। ମୁଁ ଏହି ଥିଏଟରର ଦୁଇଟି ନାଟକ ଯଥା– ମାଂସର ବେପାର ଓ ଅନ୍ଧାର ଗଳିରେ ନାୟିକା ଭୂମିକାରେ ଅଭିନୟ କରିଥିଲି। କିନ୍ତୁ ଲକ୍ଷେହୀରା, କଂସାର କବାଟ, ଦେବଯାନୀ, ଖଇକଉଡ଼ି, ସତୀ ପରୀକ୍ଷା, ପର୍ଶୁରାମ, ଘର ସଂସାର, ମମତା, ଭାଇଭାଉଜ, ମଉଡ଼ମଣି, ମାଣିକଯୋଡ଼ି, ପରପୁରୁଷ, ପହିଲିରଜ ଆଦି ନାଟକରେ ନୃତ୍ୟ କରିଛି। ଏବେ ଆମକୁ କେହି ପଚାରୁ ନାହାନ୍ତି। ଅନ୍ନପୂର୍ଣ୍ଣା ଥିଏଟର୍‌ରେ ପ୍ରାୟ ୪୩ ବର୍ଷଧରି କାର୍ଯ୍ୟକରିଥିଲି। ବୟସ ବଢିଗଲାଣି, କଳାକାର ଭତ୍ତା ମିଳୁଛି। ସେହିପରି ବସନ୍ତକୁମାର ମହାନ୍ତି କୁହନ୍ତି, ୧୪ବର୍ଷରୁ ଘରୁ ଲୁଚିକରି ଅନ୍ନପୂର୍ଣ୍ଣା ଥିଏଟରକୁ ଆସିଥିଲି। ସେତେବେଳେ ୨ଓଳି ଖାଇବାକୁ ଦେଉଥିଲେ, ୨୫ପଇସାରେ ଜଳଖିଆ ମିଳୁଥିଲା। ଅନ୍ନପୂର୍ଣ୍ଣାର ଲୋକପ୍ରିୟତା ପାଇଁ ଆମପରି କଳାକାରଙ୍କୁ ଖୁବ୍ ପ୍ରଶଂସା ଓ ସମ୍ମାନ ମିଳୁଥିଲା। ଥିଏଟର ନାଟକ ଦେଖିବାପାଇଁ ଅଗ୍ରିମ ଟିକେଟ କରିନେଉଥିଲେ। ବାଉରୀବନ୍ଧୁ ମହାନ୍ତି ମୁଖ୍ୟ ପରିଚାଳନା ଦାୟିତ୍ୱ ତୁଲାଉଥିଲେ। ଏଥିରେ ବହୁ କଳାକାର ଥିଲେ । ଏବେ ହାତଗଣତି ୫/୬ ଜଣ ବୟସର ଅପରାହ୍ଣରେ ବହୁ ଅଭାବ ଅସୁବିଧାରେ ଚଳୁଛନ୍ତି। ୨୦୧୩ ଫାଇଲିନ୍‌ରେ ଅନ୍ନପୂର୍ଣ୍ଣା ଥିଏଟର ରଙ୍ଗମଞ୍ଚ ଘରର କେତୋଟି ଆଜବେଷ୍ଟସ ଛାତ ଭାଙ୍ଗିରୁଜି ଯାଇଥିଲା। ଜିଲା ସଂସ୍କୃତି ବିଭାଗ ଅଧିକାରୀ ପ୍ରଫୁଲ ସାମନ୍ତରା, ନାଟ୍ୟପ୍ରେମୀ ଚକ୍ରଧର ମହାପାତ୍ର, ପ୍ରଶାନ୍ତ ମିଶ୍ର ରମେଶ ମହାପାତ୍ର ପ୍ରମୁଖ କେତେଜଣ ଉଦ୍ୟମୀ ବ୍ୟକ୍ତିମାନଙ୍କ ଜରିଆରେ ଏଠାରେ କିଛି ନାଟକ କାର୍ଯ୍ୟକ୍ରମ ହେଉଛି। ସରକାରୀ ସ୍ତରରେ ପୁନରୁଦ୍ଧାର ହେବାର ଆବଶ୍ୟକତା ରହିଛି। ତେବେ ଦିନଥିଲା ଏହି ଅନ୍ନପୂର୍ଣ୍ଣା ଥିଏଟରର ନାଟକ ଦେଖିବା ପାଇଁ ନାଟ୍ୟପ୍ରେମୀମାନେ ଦିନଦିନ ଧରି ଅପେକ୍ଷା କରିରହୁଥିଲେ, ଏପରି କି କେହି କେହି ଘରର କଂସାବାସନ ବନ୍ଧାପକାଇ ଥିଏଟର ଦେଖିବାକୁ ଧାଇଁଆସୁଥିଲେ। ଆଜି ସେଦିନ ନାହିଁ। କର୍ପୂର ଉଡ଼ିଯାଇ କନା ପଡ଼ିରହିଛି।

**ଅନ୍ନପୂର୍ଣ୍ଣା ଥିଏଟର–ବି ଗ୍ରୁପ୍:** ୧୯୪୩ରେ ଅନ୍ନପୂର୍ଣ୍ଣା ଥିଏଟରର ଜନ୍ମ ହୋଇଥିଲା ସ୍ୱର୍ଗତ ଲିଙ୍ଗରାଜ ନନ୍ଦଙ୍କ ନେତୃତ୍ୱରେ କଟକର ବକ୍ସି ବଜାର, ବାରପଥରଠାରେ। ରମାନନ୍ଦଲାଲ, କେଦାରସନ, ବିଶ୍ୱେଶ୍ୱରଲାଲଙ୍କ ଠାରୁ ପ୍ରକାଶ ସିନେମା ହଲକୁ ଭଡ଼ାସୁତ୍ରରେ ନେଇ ଅନ୍ନପୂର୍ଣ୍ଣା ଥିଏଟର–ବି ଗ୍ରୁପ ତା'ର ପ୍ରଥମ ନାଟକ ୧୯୪୫ ମସିହାରେ ରାମଚନ୍ଦ୍ର ମିଶ୍ରଙ୍କ ରଚିତ ନାଟକ ମ୍ୟାନେଜର ମଞ୍ଚସ୍ଥ କରିଥିଲେ। ଯାହା ଅପୂର୍ବ ସଫଳତା ଲାଭ କରିଥିଲା। ନାଟକ ଦେଖିବାପାଇଁ ଟିକେଟ ମିଳୁନଥିଲା। ତିନି ତିନିଟି ସୋ ଚାଲୁଥିଲା ଏବଂ ସେଥିରୁ ଜନ୍ମଗ୍ରହଣ କରିଥିଲେ କାଳଜୟୀ କଳାକାର ଦିବଂଗତ ସାମୁଏଲ ସାହୁ (ବାବି), ପୀରନାଥ ମିଶ୍ର, ଶରତ ମହାନ୍ତି, ଉମାଶଶୀ ଦେବୀ, ମଣିମାଳା, ମାଧବାନନ୍ଦ କର, ବିଜୟ ମହାନ୍ତି, କେଶବ ଶତପଥି, କେଳୁ ଚରଣ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ହେମଲତା ଦାସଙ୍କ ସମେତ ଏବେ ବଞ୍ଚିଥିବା କଳାକାର ଆହ୍ଲାଦିନ କର, ପ୍ରଦ୍ୟୁମ୍ନ ଲେଙ୍କା, ନମ୍ରତା ଦାସ, ସୁରେଶ ବଳ, ଅନନ୍ତ ଦାସ, ବ୍ରଜ ସିଂଙ୍କ ସମେତ ଆହୁରି ଅନେକ।

ସତୁରିରୁ ଅଶି ଦଶକ ମଧ୍ୟରେ ଅନେକ ସୌଖିନ କଳାକାର ସୌଖିନ ନାଟ୍ୟ ସଂସ୍ଥା ପ୍ରତିଷ୍ଠା କରି ନାଟକ କରିବା ଆରମ୍ଭ କରିଦେଇଥିଲେ। ସେହି ମନ୍ଥନରୁ ଅଭିନେତା ରବି ପରିଜା ଅନ୍ନପୂର୍ଣ୍ଣା ଥିଏଟର ଦାୟିତ୍ୱ ନେବାକୁ ଆଗେଇ ଆସିଥିଲେ। ସେଉଠୁ ସୃଷ୍ଟି ହେଲା ନାଟକର ଆଉ ଏକ ଯୁଗ। ସେହି ପିଢ଼ିରେ ଥିଲେ କୃଷ୍ଣଚନ୍ଦ୍ର ସିଂ, ଶ୍ରୀକାନ୍ତ ଚୌଧୁରୀ, ଅମରେନ୍ଦ୍ର ପଟ୍ଟନାୟକ, ବିନୟ ଦେ, ନିରଞ୍ଜନ ପାଣ୍ଡେ, ନିମାନନ୍ଦ ପାତ୍ର, ସଚ୍ଚି ମହାନ୍ତି, ପାଳ ବାବୁ, ସଚ୍ଚି ଦାସ ଆଦି। ନାଟ୍ୟ ଆନ୍ଦୋଳନକୁ ଆହୁରି ତୀବ୍ରତର କରିଥିଲେ ରବି ପରିଜାଙ୍କ ଯୁବ ବାହିନୀ, ହର ପଟ୍ଟନାୟକ, ହରିଶ ମହାନ୍ତି, ଜୟଦେବ ଦାସ, ଗୁରୁ ପଣ୍ଡା, ଚଣ୍ଡୀ ପରିଜା, ଭାରତୀକୃଷ୍ଣ ଦାଶ, ରାମଚନ୍ଦ୍ର ବେହେରା, ପ୍ରଣବ କର, ତାରକଙ୍କ ସମେତ ଆହୁରି ଅନେକ କଳାକାର ଅନ୍ନପୂର୍ଣ୍ଣା ଥିଏଟର ପୁନଃରୁଦ୍ଧାରରେ ସାମିଲ ହୋଇଥିଲେ। ଅଶି ଦଶକ ଅନ୍ନପୂର୍ଣ୍ଣା ଥିଏଟରର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନି। ରବି ପରିଜାଙ୍କ ଦେହାବସନ ପରେ ଆଉ କେହି ଆଖିଦୃଷ୍ଟିଆ ନେତୃତ୍ୱ ନେବାରେ ସକ୍ଷମ ହୋଇପାରିଲେନି। ଶାନ୍ତି ନନ୍ଦ ସମ୍ପାଦକ ହେଲେ ସେତେବେଳେ ବାବି ବାବୁ ସଭାପତି ହେଲେ। ଅନନ୍ତ ଦାସ, ଜୟଦେବ ଦାସ, ପ୍ରଣବ କର, ପ୍ରଦ୍ୟୁମ୍ନ ଲେଙ୍କା, ଚଣ୍ଡୀ ପରିଜା, ଗୁରୁ ପଣ୍ଡା, ପରି ଅନେକ ସାମିଲ ହେଲେ। ମାଲିମକଦ୍ଦମା ଓ ଅର୍ଥାଭାବ ଯୋଗୁ ଥିଏଟର ଚଳାଇବା ସମ୍ଭବ ହେଲାନାହିଁ। ହଲଟି ମଧ୍ଯ ଭାଙ୍ଗିରୁଜି ଯାଇଥାଏ। ଶାନ୍ତି ନନ୍ଦଙ୍କ ମୃତ୍ୟୁ ପରେ ଅନନ୍ତ ଦାସ, ଜୟଦେବ ଦାସ ଏହାର ନେତୃତ୍ୱ ନେଇ ୧୯୯୧ ରେ ତତକାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ଯୋଗାଯୋଗ ଦ୍ୱାରା ତିନି ବର୍ଷ, ମାସକୁ ତିନିଦିନ ନାଟକ କଟକର କଳାବିକାଶ କେନ୍ଦ୍ରରେ ସରକାରଙ୍କ ଅନୁଦାନରେ ମଞ୍ଚସ୍ଥ କରାଗଲା। ଅନ୍ନପୂର୍ଣ୍ଣା ଥିଏଟରରେ ଯୋଗଦେଲେ ଅନେକ ସୌଖିନ କଳାକାର। ତନ୍ମଧ୍ୟରୁ ସନ୍ଦୀପ ପାଣି ଓ ହେମନ୍ତ ଦାଶ ଅନ୍ୟତମ। ଏଭଳି ଅନେକ ଘାତପ୍ରତିଘାତ ଭିତରେ ଅନ୍ନପୂର୍ଣ୍ଣା ମଞ୍ଚକୁ ବଞ୍ଚାଇ ରଖିଛନ୍ତି କେତେକ କଳାପ୍ରେମୀ ନାଟ୍ୟକାର ସଂଗଠକ, କଳାକାର ଓ ଆହୁରି ଅନେକ।

ଏଇଭଳି କିଛି ଦିନ ବିତିବା ପରେ ପ୍ରଣବ କର ମଞ୍ଚ ଓ ନାଟକର ପୁନରୁଦ୍ଧାରରେ ଲାଗିପଡିଲେ। ନିର୍ଦ୍ଦେଶକ ହେମନ୍ତ ଦାଶଙ୍କୁ ଆଣି ଛୋଟ ଛୋଟ ନାଟକ ପରିବେଷଣ କଲେ। ମାତ୍ର ମଞ୍ଚ ଭାଙ୍ଗିଯାଇଥିବାରୁ, ଅଭିନୟରେ ଅସୁବିଧା ହେଉଥିଲା, ଏଣୁ ମଞ୍ଚ ଓ ମଞ୍ଚ ଉପର ଟିଣଛାତ ନୂତନ କରାହେଲା। ସ୍ଥିର ହେଲା ପ୍ରତି ମାସରେ ଏକ ନାଟକ ପରିବେଷଣ କରାହେବ। ହେମନ୍ତ ଦାଶ, ଅଶୋକ ମହାନ୍ତି, ଭବତୋଷ ପତି ଓ ମହମ୍ମଦ ସଫିକ୍ ଉଲ୍ ହକ୍‌ଙ୍କ ପରି ଅନେକ କଳାକାର ସହଯୋଗ କଲେ। ଯୁଗପ୍ରକାଶ କାନୁନ୍‌ଗୋ ଅନୁଷ୍ଠାନର ସଭାପତି ହେଲେ। କିନ୍ତୁ ଅଭାବ ଥିଲା ଅଭିନେତା ଓ ଅଭିନୟ ସଂସ୍ଥା। ହେମନ୍ତ ଦାଶଙ୍କ ପରାମର୍ଶରେ ପ୍ରଣବ କର ନିମନ୍ତ୍ରଣ କଲେ ଏକ ନାଟୁଆ ସଂସ୍ଥା ଯାହାର ମୁଖ୍ୟ ଥିଲେ ଟନିଆ, ସନ୍ଦୀପ, ଦିଲ୍ଲୀପ, ତନୁ, ହେମନ୍ତ, ଲୁଲୁ ଆଚାର୍ଯ୍ୟ ଓ ଅନେକ କଳାକାର। ଏହାପରେ ନାଟକ ଦେଖନ୍ତୁ ମଞ୍ଚ ବଞ୍ଚାନ୍ତୁ ସ୍ଲୋଗାନରେ ପ୍ରତ୍ୟେକ ମାସ ୨୯ ତାରିଖରେ ଆରମ୍ଭ ହେଲା ନାଟକ। କଟକ ସହରରେ ଆଲୋଡନ ସୃଷ୍ଟିହେଲା। ଓଡ଼ିଶାର ବିଭିନ୍ନ ନାଟ୍ୟସଂସ୍ଥା ଚଳଚଞ୍ଚଳ ହୋଇଉଠିଲେ। ଖୁବ ସୁନ୍ଦର ଭାବେ ନାଟକ ଚାଲିଲା। ଦର୍ଶକ ଥିଏଟରକୁ ଫେରିଲେ। ୨୦୦୬ର ସେ ସଫଳତା ନାଟକ ନାଟ୍ୟକାର ଅଭିନେତା ସମସ୍ତଙ୍କୁ ମଞ୍ଚକୁ ଟାଣିଆଣିଲା। ପରୀକ୍ଷାମୂଳକ ଭାବେ ୬ଟି ମାରାଥନ ନାଟକ ପରିବେଷଣ କରି ଇତିହାସ ସୃଷ୍ଟି ହେଲା। ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ବି ଅନ୍ନପୂର୍ଣ୍ଣା–ବି ଗ୍ରୁପ୍ ମଞ୍ଚ ବଞ୍ଚାଇବାର ପ୍ରୟାସ ଜାରି ରହିଛି। ନାଟ୍ୟକାର ଆଲୋକ ନାୟକଙ୍କ କହିବି ତ ସତ କହିବି, ମରିବି ପଛେ ଡରିବି ନାହିଁ, କାହାକୁ କହିବା ଶିକ୍ଷିତ, ଡ. ବିଧୁଭୂଷଣ ପଣ୍ଡାଙ୍କ ଶ୍ରୀରଙ୍ଗା ଚରଣ ତଳେ, ଭାବଗ୍ରାହୀ ଦାଶଙ୍କ ପ୍ରଜାପତିର ଡେଣା, ଲଲାଟେନ୍ଦୁ ରଥଙ୍କ ସହଯାତ୍ରୀ ଆଦି ବହୁ ଯୁଗୋପଯୋଗୀ ନାଟକ ଏବେର ଯୁବପିଢ଼ିଙ୍କୁ ବିଶେଷ ଭାବେ ମଞ୍ଚ ଆଡ଼କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଆଗାମୀ ଦିନରେ ମଞ୍ଚ ଆହୁରି ସୁଦୃଢ଼ ହେବ ବୋଲି ଦର୍ଶକ, କଳାକାର, ନାଟ୍ୟକାର, ନିର୍ଦ୍ଦେଶକ ଆଦି ସମସ୍ତେ ଆଶାବାଦୀ ଅଛନ୍ତି। ଯାହା ଅନ୍ନପୂର୍ଣ୍ଣାର ଥିଏଟରକୁ ପୁଣିଥରେ ସ୍ୱତନ୍ତ୍ର କରି ରଖିବ।

**– ବନବିହାରୀ ବେହେରା, ଯଜ୍ଞେଶ୍ୱର ମହାନ୍ତି, ସଂଗ୍ରାମ ପାଇକରାୟ, କାର୍ତ୍ତିକ ସାହୁ**








# ପିନ୍ଧିଲେ ଲାଗିବ ନିଆରା



ଫ୍ଲିପ୍ ଫ୍ଲପ୍ସ ପିନ୍ଧିବାକୁ ଭାରି କମ୍ଫର୍ଟେବୁଲ। ଆଉ ଏହା ବିଭିନ୍ନ ଡିଜାଇନ୍‌ରେ ବି ଉପଲବ୍ଧ ହୁଏ। ସେଥିପାଇଁ ତ ଏହାର ଚାହିଦା ବହୁତ। ଆଉ ଏବେ ଏହା ବିଭିନ୍ନ ଅଜବ ଓ ନିଆରା ଡିଜାଇନ୍‌ରେ ବି ମିଳୁଛି। ଯାହାକୁ ପିନ୍ଧିଲେ ସମସ୍ତଙ୍କ ନଜର ଯେମିତି ବି ହେଉ ପାଦକୁ ଯିବ। ସେମିତି କିଛି ଫ୍ଲିପ୍ ଫ୍ଲପ୍ସ ସମ୍ପର୍କରେ...

**ଆନିମଲ ଫୁଟ୍ ପ୍ରିଣ୍ଟ ଥିବା ଫ୍ଲିପ ଫ୍ଲପ୍ସ:** ଏହି ଫ୍ଲିପ୍ ଫ୍ଲପ୍ସ ଭାରି ମଜାଦାର। ଏହାକୁ ପିନ୍ଧି ଯଦି ନିଜ ଘର ଆଖପାଖରେ ଚାଲିବେ ତେବେ ସେଠି ଆତଙ୍କର ବାତାବରଣ ଛାଇଯିବ। କାରଣ ଏହି ଫ୍ଲିପ୍ ଫ୍ଲପ୍ସର ପଛପଟେ ବାଘ, ସିଂହ ପରି ପାଞ୍ଚ ପ୍ରକାରର ବନ୍ୟ ପ୍ରାଣୀଙ୍କ ଫୁଟ୍ ମାର୍କ ଅଛି। ଫଳରେ ଲୋକେ ଭାବିବେ କୌଣସି ବନ୍ୟପ୍ରାଣୀ ଚାଲି ଆସିଛି । କିନ୍ତୁ ପରେ ଯେବେ ସତ ଜାଣିବେ ହସର ଲହରୀ ଛୁଟିଯିବ।

**ଟୋ ଟାଇପିଂ କ୍ୱେର୍ଟି ଫ୍ଲିପ୍ ଫ୍ଲପ୍ସ:** ଏହି ଫ୍ଲିପ୍ ଫ୍ଲପ୍ସ ଦେଖିବାକୁ କମ୍ପ୍ୟୁଟରର କି' ବୋର୍ଡ ପରି। ତେଣୁ ଏହା କମ୍ପ୍ୟୁଟର୍‌ରେ ବେଶି ସମୟ କାମ କରୁଥିବା ଲୋକଙ୍କୁ ନିଶ୍ଚୟ ପସନ୍ଦ ଆସିବ।

**କଦଳୀ ଚୋପା ପରି ଫ୍ଲିପ ଫ୍ଲପ୍ସ:** ଚାଲୁ ଚାଲୁ ଯଦି କଦଳୀ ଚୋପା ଉପରେ ପାଦ ପଡ଼ିଯାଏ ତେବେ ଖସିକି ପଡ଼ିବାଟା ସୁନିଶ୍ଚିତ। ହେଲେ ଏହି ଫ୍ଲିପ୍ ଫ୍ଲପ୍ସ କଦଳୀ ଚୋପା ପରି ଦେଖିବାକୁ ହୋଇଥିଲେ ହେଁ ଏହା ଉପରେ ପାଦ ରଖିଲେ ପଡ଼ିବେ ନାହିଁ ବରଂ ବେଶ୍ ଆରାମରେ ଚାଲିବେ।



**ଟପ୍‌ଲେସ୍ ଫ୍ଲିପ ଫ୍ଲପ୍ସ:** ଏ ହେଉଛି ଏମିତି ଫ୍ଲିପ୍ ଫ୍ଲପ୍ସ, ଯାହାର ଷ୍ଟ୍ରାପ ବା ଫିତା ନାହିଁ। ଭାବୁଥିବେ ଏହାକୁ ପିନ୍ଧିବେ ବା କେମିତି। ତେବେ ଜାଣି ରଖନ୍ତୁ ଏଥିରେ ଏକ ସ୍ୱତନ୍ତ୍ର ଧରଣର ଅଠାଳିଆ ପଦାର୍ଥ ଲାଗିଥାଏ। ତେଣୁ ପାଦ ଏହା ଉପରେ ରଖିଲେ ପାଦ ଲାଖିକି ରହିଯାଏ। ଏବେ ଭାବୁଥିବେ ଚପଲକୁ ସଫା କଲେ ଅଠା ଛାଡିଯିବ। ହେଲେ ସେମିତି ହୋଇ ନ ଥାଏ। ଚପଲ ଉପରେ ଲାଗିଥିବା ମଇଳାକୁ ସଫା କରି ସୁଖାଇଦେଲେ ଏହା ପୁଣି ପିନ୍ଧିବା ଯୋଗ୍ୟ ହୋଇଯାଏ। ଖାସ୍ କରି ବିଚ୍‌ରେ ଓ ପେଡିକ୍ୟୋର କଲାବେଳେ ଏହି ଚପଲ ପିନ୍ଧିପାରିବେ। ଘରେ ବି ଏହାକୁ ପିନ୍ଧି ହେବ।

**ପରକ୍ୟୁପାଇନ୍ ଫ୍ଲିପ୍ ଫ୍ଲପ୍ସ:** ପରକ୍ୟୁପାଇନ ବା ଝିଙ୍କର ଶରୀରସାରା ଯେମିତି ବଡ଼ ବଡ଼ କଣ୍ଟା ଠିଆ ଠିଆ ହୋଇ ରହିଥାଏ। ଏହି ଫ୍ଲିପ୍‌ଫ୍ଲପ୍ସ ସାରା ମଧ୍ୟ କଣ୍ଟା ଥାଏ, ଯାହାକି ରବର୍‌ରେ ତିଆରି। ତେଣୁ ଏହା ଦେଖିବାକୁ ବେଶ୍ ଅଜବ।

**ସିକ୍ରେଟ୍ କମ୍ପାର୍ଟମେଣ୍ଟ ଥିବା ଫ୍ଲିପ୍ ଫ୍ଲପ୍ସ:** ଆର୍ଟପୋର୍ଟ କମ୍ପାନୀର ଫ୍ଲିପ୍‌ଫ୍ଲପ୍ସ ସୋଲ୍‌ରେ ଏକ ଗୁପ୍ତ କମ୍ପାର୍ଟମେଣ୍ଟ ଥାଏ। ଯଦି ଆପଣଙ୍କ ସାର୍ଟରେ ପକେଟ୍ ନାହିଁ ଅବା କିଛି ଜିନିଷକୁ ଲୁଚାଇ ରଖିବାକୁ ଚାହାନ୍ତି ତେବେ ଏଥିରେ ଥିବା ଗୁପ୍ତ କମ୍ପାର୍ଟମେଣ୍ଟରେ ରଖିପାରିବେ। ଏହା ଭିତରେ କ୍ରେଡିଟ୍ କାର୍ଡ, ଚାବି ଭଳି କିଛି ଦରକାରୀ ଜିନିଷ ରଖିହେବ।

**କ୍ଲିନିଂ ଫ୍ଲିପ୍ ଫ୍ଲପ୍ସ:** ଏ ଏମିତିକା ଫ୍ଲିପ୍ ଫ୍ଲପ୍ସ ଯାହାକୁ ପିନ୍ଧି ଘର ସାରା ବୁଲିଲେ ଘର ସଫା ହେଇଯିବ। କାରଣ ଏହାର ତଳଭାଗ ଘର ପୋଛା ମପ୍ ପରି ହୋଇଥାଏ। ଏହା ପିନ୍ଧିବାକୁ ବି ବେଶ୍ ଆରାମଦାୟକ। ତେଣୁ ଏହି ଫ୍ଲିପ୍ ଫ୍ଲପ୍ସ ଘର ପାଇଁ ବେଷ୍ଟ କହିଲେ ଭୁଲ ହେବ ନାହିଁ।

**ଗ୍ରାସ୍ ଫ୍ଲିପ୍ ଫ୍ଲପ୍ସ:** ଏହି ଚପଲରେ ତ ଘାସ ଉଠିଥିବା ପରି ଲାଗେ। ଆଉ ଏହାକୁ ପିନ୍ଧିଲେ ଘାସ ପଡିଆରେ ଖାଲି ପାଦରେ ଚାଲିବା ପରି ଲାଗିବ। ତେଣୁ ପ୍ରକୃତିପ୍ରେମୀଙ୍କୁ ଏହି ଚପଲ ନିଶ୍ଚୟ ପସନ୍ଦ ଆସିବ।

**ଫିଶ୍ ଫ୍ଲିପ ଫ୍ଲପ୍ସ:** ପୁରାପୁରି ମାଛ ପରି ଦେଖିବାକୁ ଏହି ଚପଲ। ତେଣୁ ଏହାକୁ ପିନ୍ଧିଲେ ଲୋକଙ୍କ ନଜର ନିଶ୍ଚିତଭାବେ ଆପଣଙ୍କ ପାଦ ଉପରେ ପଡ଼ିବ।





# ପଦ୍ମଶ୍ରୀ ତୁଳସୀ



**ସେ ବୁଝିଛନ୍ତି ଶିକ୍ଷାର ମୂଲ୍ୟ। ତାଙ୍କର ଏକମାତ୍ର ଲକ୍ଷ୍ୟ କେହି ଯେପରି ନିରକ୍ଷର ନ ରୁହନ୍ତୁ। ସାକ୍ଷରତା ହିଁ ସେମାନଙ୍କୁ ଦାରିଦ୍ର୍ୟ, ଅନ୍ଧବିଶ୍ୱାସ, ଭୋକିଲା ପେଟର ଯନ୍ତ୍ରଣା ଠାରୁ ଦୂରେଇ ରଖିବ...**

ସମାଜ ସେବାରେ ବ୍ରତୀ ରହି ସେ ସାରା ଦେଶକୁ ଶିଖାଇଛନ୍ତି ମାନବ ସେବାର ସଂଜ୍ଞା। ନିଜ ସଂସାରିକ ସ୍ୱପ୍ନକୁ ଭୁଲି ଅବିବାହିତ ରହିବାର ନିଷ୍ପତ୍ତି ନେଇଛନ୍ତି ସତ, କିନ୍ତୁ ଅନାଥ, ଅବହେଳିତ, ନିରାଶ୍ରୟମାନଙ୍କର ମା' ବି ହୋଇଛନ୍ତି। ସବୁଜ ବନାନୀ ଘେରା କେନ୍ଦୁଝର ଜିଲା କଇଁସି ଗ୍ରାମର ଝିଅ ତୁଳସୀ, ଯିଏ ପରବର୍ତ୍ତୀ ସମୟରେ ନାରୀ ଜାଗରଣ, ନିଶା ନିବାରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ କଲ୍ୟାଣ ଉପରେ କାର୍ଯ୍ୟ କରି ଏକ ସୁପରିଚିତ ନାମ ପାଲଟିଗଲେ। ପିତା ଚରଣ ମୁଣ୍ଡା ଓ ମାଆ ଗାସି ମୁଣ୍ଡା। ଏକ ନିରକ୍ଷର ଗରିବ ଚାଷୀ ପରିବାରରେ ଜନ୍ମିତ ତୁଳସୀ ନିଜ ଜୀବନର ଅଭିଜ୍ଞତା ସମ୍ପର୍କରେ କୁହନ୍ତି, ''ପିଲାଦିନରୁ ମୁଁ ଖୁବ୍ ସାହସୀ ଥିଲି। ବଣପାହାଡ଼ରେ ଘୂରି ବୁଲି ଫୁଲ, ଫଳ ସଂଗ୍ରହ କରିବା, ଗଛ ଚଢ଼ିବା, ଗାଈ, ଛେଳି ଚରେଇବା କୌଣସିଥିରେ ମୋର ଆଦୌ ଭୟ ନ ଥିଲା। ସାତ ଭାଇଭଉଣୀଙ୍କ ମଧ୍ୟରେ ମୁଁ ଥିଲି ସାନ। ଅଭାବୀ ଚାଷୀ ପରିବାର। ଗାଆଁରେ ସେ ସମୟରେ ସ୍କୁଲ ନ ଥିଲା । ଚାଟଶାଳୀଟିଏ ଥାଏ। ସେଠି ପୁଅପିଲାମାନେ ଶିକ୍ଷା ଗ୍ରହଣ କରୁଥିଲେ। ଝିଅଙ୍କୁ ପଚାରେ କିଏ ମୋର କିନ୍ତୁ ମନ ସବୁବେଳେ ଛଟପଟ କେମିତି କିପରି ପାଠ ପଢ଼ିବି। ନୂତନ ଜ୍ଞାନ ଆହରଣ କରିବି।' ତାଙ୍କ ପାଠ ପଢ଼ିବାର ଆଗ୍ରହ







ଲୋକମାନଙ୍କର ଟାହିଟାପରା କିମ୍ବା ନାଲିଆଖିକୁ ଆଗରେ ଦବି ଯାଇ ନ ଥିଲା । ଚାଟଶାଳୀ ଯାଉଥିବା ନିଜର ଏକ ସାନଭାଇଠାରୁ ସେ ଅକ୍ଷର ଶିଖିଥିଲେ। ଦିନରେ ଖଣିରେ କାମକରି ରାତିରେ ପାଠ ପଢ଼ନ୍ତି ତୁଳସୀ। ତାଙ୍କ ଶିଖିବାର ଆଗ୍ରହ ଯୋଗୁ ପ୍ରତ୍ୟେକ ଦିନ ସେ ଭେଟୁଥିବା ଶିକ୍ଷିତ ମଣିଷଙ୍କଠାରୁ ସେ କିଛି କିଛି ଶିଖନ୍ତ।। ଏପରି ଅନେକ ଲୋକଙ୍କୁ ସେ କୋଳି, କନ୍ଦମୂଳ ଦେଇ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। ଅନେକ ସମୟରେ ମଣିଷ କିଛି ଚିନ୍ତା କରିଥାଏ ଆଉ ବିଧିର ବିଧାନ କିଛି ଅଲଗା ରହିଥାଏ। ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଥିବା ତୁଳସୀଙ୍କୁ ସେମିତି ଏକ ନୂତନ ସକାଳ ଅପେକ୍ଷା କରିଥିଲା। ବିଶିଷ୍ଟ ସାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଦ୍ୱାରା କସ୍ତୁରବା ଟ୍ରଷ୍ଟର ଏକ ଶାଖା ଖୋଲାଗଲା ତାଙ୍କ ଅଞ୍ଚଳରେ। ଯିଏକି ମାତୃତ୍ୱର ମହକ ବାଣ୍ଟି ଆପଣେଇ ନେଇଥିଲେ ଅନେକ ଅସହାୟ ଶିଶୁଙ୍କୁ। ଦେବୀ ସଦୃଶ ମାଳତୀ ଦେବୀ। ନବବାବୁ, ମାଳତୀ ଦେବୀ ସେଠାରେ ରହି ପିଲାମାନଙ୍କୁ ସୂତାକଟା, ଲୁଗାବୁଣା ସହ ପାଠ ପଢ଼ାଉଥାଆନ୍ତି। ଅନ୍ୟ ପିଲାମାନଙ୍କଠାରୁ ତୁଳସୀଙ୍କର ଶିଖିବାରେ ଆଗ୍ରହ ବାରିପାରି ସ୍ୱତନ୍ତ୍ର ଭାବେ ଶିକ୍ଷା ଦିଅନ୍ତି ମାଳତୀ ଦେବୀ। ନଚିକେତା ଉପାଖ୍ୟାନ, ମୀରାବାଈଙ୍କ ଜୀବନ, ଗାନ୍ଧିଜୀ ଓ ଭୂଦାନ ସମ୍ପର୍କୀୟ କିଛି ପୁସ୍ତକ ପଢିବାକୁ ଦେଉଥିଲେ ଓ ଶୁଣାଉଥିଲେ। ଏସବୁ ଶୁଣି ତୁଳସୀଙ୍କ ଅନ୍ତରାତ୍ମା ବାରମ୍ବାର ପ୍ରଶ୍ନ କରିଥିଲା। ଏ ପାଠଶାଠ ତାଲିମର ମୂଲ୍ୟ କ'ଣ ? କାହିଁକି ମୁଁ ଏସବୁ ପଢୁଛି। ଜନକଲ୍ୟାଣ ବ୍ୟତୀତ ମୋ ପାଠଶାଠ ତାଲିମର କୌଣସି ମୂଲ୍ୟ ନାହିଁ। ସେ ଅନୁଭବ କରିଥିଲେ, ଗୋଟିଏ ଶିକ୍ଷିତ ସମାଜ ହିଁ ପରବର୍ତ୍ତୀ ପିଢ଼ିକୁ ଗଢ଼ି ତୋଳିପାରିବ। ଟ୍ରେନିଂ ଶେଷ ହେବା ପରେ ଯୋଗ୍ୟତା ଅନୁଯାୟୀ କାମ ମିଳୁଥିଲେ ମଧ୍ୟ ତୁଳସୀ ଚାକିରି ପଛରେ ନ ଧାଇଁ ସମାଜ ପାଇଁ କିଛି କରିବାର ସଂକଳ୍ପ ନେଇ ଆଗେଇ ଆସିଥିଲେ। କେନ୍ଦୁଝର ଖଣି ଖାଦାନ ଅଞ୍ଚଳରୁ ବିନୋବାଜୀଙ୍କ ପଦଯାତ୍ରାରେ ସାମିଲ ହୋଇ ୧୯୬୪ରେ ଇନ୍ଦୋର ଯାଇ ଶାନ୍ତିସେନା ଟ୍ରେନିଂ ନେଲେ। କେନ୍ଦୁଝର ଜିଲାର ବିଭିନ୍ନ ଗ୍ରାମରେ ଗ୍ରାମ ସେବା, ମହିଳା ମଣ୍ଡଳ, କିଶୋର ଚକ୍ର କରିବା ସହିତ ଶିକ୍ଷାର ଉନ୍ନତି ପାଇଁ ଅନେକ ଅନାଥ ଶିଶୁଙ୍କୁ କୋଳେଇ ନେଇ ଏକ ବିଦ୍ୟାଳୟ ଖୋଲିଛନ୍ତି। ବୁଝିଛନ୍ତି ଶିକ୍ଷାର ମୂଲ୍ୟ। ତାଙ୍କର ଏକମାତ୍ର ଲକ୍ଷ୍ୟ କେହି ଯେପରି ନିରକ୍ଷର ନ ରୁହନ୍ତୁ। ସାକ୍ଷରତା ହିଁ ସେମାନଙ୍କୁ ଦାରିଦ୍ର୍ୟ, ଅନ୍ଧବିଶ୍ୱାସ, ଭୋକିଲା ପେଟର ଯନ୍ତ୍ରଣା ଠାରୁ ଦୂରେଇ ରଖିବ। ରୋଗଣା ଛୁଆଟିକୁ ବାପା ମା ତା'ର ଝଡ଼ାଫୁଙ୍କା ନୁହେଁ,ଡାକ୍ତରୀ ଚିକିତ୍ସା କରିବେ। ମାଆ କୋଳରୁ ଛୁଆଟିକୁ ଆଣି, ଶିକ୍ଷା ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି ସେ। ଯେପରି ମାଆ ତାର ନିର୍ଭୟ ରେ ପରିବାର ପ୍ରତିପୋଷଣ ପାଇଁ କାମ କରି ପାରିବ। ସେ ସ୍ୱପ୍ନ ଦେଖନ୍ତି ଅନ୍ୟ ର ସୁନ୍ଦର ପାରିବାରିକ ଜୀବନ ପାଇଁ । ପିଲା ମାନେ ମଧ୍ୟ ପରମ ଶ୍ରଦ୍ଧା ରେ ଆପଣେଇ ନେଇଛନ୍ତି ତୁଳସୀ ଙ୍କୁ। ସମାଜ ସେବା କ୍ଷେତ୍ରରେ ତାଙ୍କର ଏହି ଅବଦାନକୁ ସମ୍ମାନ ଦେଇ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହାଛଡ଼ା ସ୍ୱାଭିମାନ ସମ୍ମାନ, ରୁଚି ପ୍ରତିଭା ସମ୍ମାନ, ନାଲକୋ ସମ୍ମାନ, ଉତ୍କଳ ମଣୀ ଗୋପବନ୍ଧୁ ସମ୍ମାନ ଆଦି ଅନେକ ସମ୍ମାନରେ ସମ୍ମାନିତ। ତାଙ୍କ ଜୀବନର ଏକ ଅଭୂଲା ସ୍ମୃତି ସମ୍ପର୍କରେ ସେ କୁହନ୍ତି ବିନୋବାଜୀଙ୍କ ସହିତ ଜବଲ ପୁରରେ ରହିବାର ଘଟଣା ମନେ ପଡୁଛି। ହଠାତ୍ ଦିନେ ଏକ ସଭାରେ ବିନୋବାଜୀ ଘୋଷଣା କଲେ ତୁଳସୀ ଆଜି ଆମକୁ ଗୀତଟିଏ ଗାଇ ଶୁଣାଇବ। ମୁଁ ମନେ ମନେ ଭୟଭୀତ ହୋଇଗଲି। ସଠିକ ଭାବେ କୌଣସି ଗୀତ ମୋର ମନେ ନ ଥିଲା । ମଞ୍ଚ ଉପରକୁ ଯିବାର ସାହାସ ପାଉ ନଥାଏ। ବିନୋବାଜୀଙ୍କୁ ଆମେ ସମ୍ମାନ କରୁ ସେ କହିଛନ୍ତି ମାନେ ଗାଇବାକୁ ପଡିବ। ହିମାଚଳ ପ୍ରଦେଶର ଝିଅ ଦୁଇଟି ମୋତେ ମଞ୍ଚ ଉପରକୁ ନେଇଗଲେ। ଦୁହେଁ ଦୁଇ ପାଖରେ ଠିଆ ହେବାରୁ ମୁଁ ଗୀତ ଗାଇ ପାରିଲି। ଏମିତି ଅନେକ ସ୍ମୃତି ଅନୁଭୂତି ଜୀବନରେ ରହିଛି। ମୁଁ ସମାଜ ପାଇଁ କିଛି କରିବାକୁ ଚାହୁଁଛି। ସମାଜରେ ଅନେକ ସମସ୍ୟା ମୁଣ୍ଡ ଟେକିଛି। ଆମେ ପ୍ରତ୍ୟେକ ମଣିଷ ପ୍ରତ୍ୟେକଙ୍କ କାମକୁ ସମ୍ମାନ ଦେଇ ନିଜ ନିଜର ସାମାଜିକ ଦାୟିତ୍ୱ ତୁଲାଇବା ଉଚିତ। ଯାହାଦ୍ୱାରା ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହେବା ସହିତ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇ ପାରିବ।

**–ପ୍ରିୟମ୍ବଦା ରଥ**
*(ଆର୍‌କେ ପୁରମ ସେକ୍ଟର ୪), ନୂଆଦିଲ୍ଲୀ*
*ମୋ:୮୬୮୮୯୫୭୮୦୦*





## ଶୀତ

**–ସନ୍ତୋଷ କୁମାର ସେଠୀ**

ଏଇତ ଏବେ ଏବେ
ଫେରିଯାଇଛି ବର୍ଷା
ତା' ଶୀରାଳ ହାତରେ ବାଡ଼ି ଧରି
ଥଣ୍ଡାରେ ଥୁରୁ ଥୁରୁ କମ୍ପି

ଅନ୍ଧାରରେ ଆସିଥିବା
ବଡବଡିଆ ମାନେ
କାଉଁରିଆ ଆଲୁଅରେ
ଫେରି ଯାଇଛନ୍ତି ନିଜ ପୁରକୁ
ଆଲୋକିତ ପଥରେ

ଆଲୋକ ଓ ଉତ୍ତାପ
ଦେଉଥିବା ଦୀପମାନେ
ଘୋଡି ଘାଡି ହୋଇ ଶୋଇ ପଡିଲେଣି
କାକର ଚାଦର ଘୋଡି ହୋଇ

ହବିଷ୍ୟାଳୀମାନଙ୍କ ଆକାଶ ଦୀପ
ନିଷ୍ପ୍ରଭ ହେଲାଣି ପ୍ରିୟତମଙ୍କ
ବିରହ,ବିଷାଦ,ସ୍ମୃତିର ଅଶ୍ରୁରେ

ବିଲ ମାଳର କଇଁ ମାନେ
ରତି କ୍ଲାନ୍ତ ରାତିର ଲଜ୍ଜାକୁ
କାକର ଜଳରେ ଧୋଇ ଦେଇ
ଧଳା, ନାଲି, ନୀଳ ଶାଢୀ ପରିଧାନରେ
ଦିଶିଲେଣି ସ୍ୱାଧୀ ପ୍ରାୟ

ଦୀର୍ଘ ଦିନ ଧରି
ଆଲମାରୀ ଭିତରେ ବନ୍ଦୀ ଥିବା
କମ୍ବଳ, ଶାଲ, ସୁଇଟର ମାନେ
କଡ ଲେଉଟାଇ ଉଦଗ୍ରୀବ ହେଲେଣି
ପ୍ରିୟଜନଙ୍କ ସାନ୍ନିଧ ଆଶାରେ

କାରଣ ଶୀତ ଆସିଲାଣି !!
ଶୋରିଷ ଫୁଲର ହଳଦୀ ରଙ୍ଗରେ
ଚଉରା ମୂଳର ପଞ୍ଚ ମୁରୁଜରେ
ନିର୍ମଳ ଆକାଶର ମୃଦୁ ମଳୟରେ
ଭାଗବତ ଟୁଙ୍ଗୀର ପବିତ୍ର ଧ୍ୱନିରେ ।।

*–ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ*
*ଅଧିକାରୀ,ପୁରୀ*
*ମୋ: ୯୪୩୭୩୦୨୬୧୮*

### କ୍ଷୁଦ୍ରଗଳ୍ପ

## ଭରସା


**–ଅଲେଖ ଚନ୍ଦ୍ର ମିଶ୍ର**

ପ୍ରତିଦିନ ସକାଳେ ଜରାଶ୍ରମଟିର ବନ୍ଦ ଫାଟକ ଭିତରେ ଠିଆ ହୋଇ ରାସ୍ତାରେ ଯାଉଥିବା ପଥଚାରୀମାନଙ୍କୁ ଅନୁନୟ କରେ ବୁଢ଼ୀଟି, ''ବାପାରେ, ମାଆରେ, ତୁମେ ମୋ ପୁଅକୁ ଦେଖିଛ ? ମୋ ଗୋପାଳ ମ ! ହାଟ ପାଖରେ ଦୋକାନ କରିଛି । ତାକୁ ଟିକେ କହିବ ତ ସେ ଆସି ମୋତେ ଏଠୁ ଜଲଦି ନେଇଯାଉ । ମୋତେ ଏଠି ଜମାରୁ ଭଲ ଲାଗୁନି । ସବୁବେଳେ ଖାଲି ତା' ଶୁଖିଲା ମୁହଁଟି ଦିଶି ଯାଉଛି । ନାତିନାତୁଣୀଙ୍କର କଥା ମନେପଡୁଛି ।'' ଦିନ ପରେ ଦିନ ଗଡ଼ି ଚାଲେ । ବୁଢ଼ୀଟିର କଥା କେହି ଶୁଣନ୍ତିନି କି ପୁଅ ଆସେନା । ତଥାପି ସେ ତା'ର ଚେଷ୍ଟାରୁ କେବେ ବି ବିରତ ହୁଏନା । ନିତିଦିନ ଦୀର୍ଘଶ୍ୱାସ ଛାଡ଼ି ଛଳ ଛଳ ଆଖିରେ ଫେରେ । କିନ୍ତୁ ଆଶା ଛାଡ଼େନା ।

ତାଙ୍କର ଦୁଃଖ ଦେଖି ଜରାଶ୍ରମ ପରିଚାଳକଙ୍କର ମନ ସହାନୁଭୂତିରେ ଭରିଯାଏ । ବେଳେବେଳେ ପଚାରି ଦିଅନ୍ତି, ''କ'ଣ ମାଉସୀ, ପୁଅ ଆସିଲା'' ? ''ନାଇଁରେ ବାବୁ, ତାକୁ କେହି ଖବର ଦଉନାହାନ୍ତି । ଜାଣିଲେ ସିନା ଆସିବ ? ମୋର ତା' ଉପରେ ପୂରା ଭରସା ଅଛି ।'' ବୁଢ଼ୀଟିର ସରଳତା ଦେଖି ତାଙ୍କ ଆଖି ଓଦା ହୋଇ ଆସେ । ଆହାଃ... କେତେ ହତଭାଗିନୀଟି ବିଚରା । ମନ କହେ ତାଙ୍କୁ ସତ କଥା ଖୋଲି କହିଦେବେ, ''ତୁମ ପୁଅ ତ ନିଜେ ଆଣି ତୁମକୁ ଏଠି ଛାଡ଼ି ଯାଇଛି ।'' ହେଲେ ପୁଅ ଉପରେ ଏତେ ଭରସା ରଖିଥିବା ବୁଢ଼ୀଟି ଏଭଳି ନିଷ୍ଠୁର ସତ୍ୟକୁ ସମ୍ଭାଳି ନ ପାରି ଯଦି...। ତେଣୁ ଚୁପ ରହିବାକୁ ପସନ୍ଦ କରନ୍ତି ।

ହଠାତ୍ ଦିନେ ଖରାବେଳେ ଆଶ୍ରମର ଫାଟକ ପାଖରେ ଅଟକିଲା କାର୍‌ଟିଏ । ସୁରକ୍ଷାକର୍ମୀ ଗେଟ୍ ଖୋଲିଦେଲା ପରେ ଭିତରକୁ ପଶିଆସିଲେ ଜଣେ ଧୋବଧାଉଳିଆ ଯୁବକ । ଅଫିସ ଭିତରକୁ ଯାଇ ପରିଚାଳକଙ୍କୁ ପଚାରିଲେ, ''ଏଠି ତିଳୋତ୍ତମା ବେଭା ନାମକ ଜଣେ ବୃଦ୍ଧା ରହୁଛନ୍ତି ତ'' ? ''ହଁ ଆଜ୍ଞା, ବଡ଼ ଦୁଃଖିନୀଟିଏ ବିଚରା, ଆସିଲା ଦିନୁ ପୁଅକୁ ଅପେକ୍ଷା କରିଛନ୍ତି, ନାତିନାତୁଣୀଙ୍କୁ ଝୁରୁଛନ୍ତି । ହେଲେ କେହି କେବେ ଆସନ୍ତିନି । ବିଚରା ଜାଣି ପାରୁନାହାନ୍ତି ଯା' ଭିତରେ ପାଞ୍ଚ ବର୍ଷ ବିତି ଗଲାଣି'' । ''ଠିକ ଅଛି, ତାଙ୍କୁ ତୁରନ୍ତ ଏଠିକି ଆଣନ୍ତୁ । ମୁଁ ତାଙ୍କୁ ଏଇ ସଙ୍ଗେ ସଙ୍ଗେ ନେଇ ଯିବାକୁ ଆସିଛି । ମୁଁ ତାଙ୍କର ନାତି ।''

*–ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ–୪,*
*ଭୁବନେଶ୍ୱର*
*ମୋ:– ୯୪୩୮୬୭୩୮୯୮*




## ପ୍ରଭେଦ

**–ବିଜୟଲକ୍ଷ୍ମୀ ପଟ୍ଟନାୟକ**

ସେହି ପ୍ରଗଳଭା ସ୍ତ୍ରୀ ଲୋକଟିକୁ ଦେଖ
ଯେ ଦିନରାତି ଘୁରୁଛି
ବିଞ୍ଚଣା ଭଳି ।
ତା ହାଡୁଆ ଛାତିର ଚମ ଢାଙ୍କୁଣି କୁ
ଦେଖ
କେମିତି ପାପୋଛ କରିଦେଇଛି
ଦୁଆର ମୁହଁର ।
ତା' ଜୁଇକୁ ଉଙ୍ଗାରି ଦେଖ
କେମିତି ଡହଡହ ଡହକୁଛି ନିଆଁ
ପାଉଁଶ ତଳର ।

ବିଶ୍ୱାସ କରନ୍ତୁ ଯଦି ମୋ କଥାକୁ
ତେବେ
ନିସ୍ତବ୍ଧ ଅନ୍ଧାରରେ
ନିଶ୍ଚଳା ପଥର ପରି ବସି
ଗୁମୁରି ଗୁମୁରି କାନ୍ଦୁଥିବା
ମୋ ବୋଉକୁ ଦେଖ,
ଦିନର ଆଲୁଅ
ରାତିର ଅନ୍ଧାର ଭିତରେ
ପ୍ରଭେଦ ଜାଣିପାରିବ ।

*ମୋ:୬୩୭୦୧୬୬୨୦୪*





# ଅପରେଶନ ୧୨/୧୭

ସାଇ ଲୁମ୍ବିନୀ ପ୍ରଡକ୍‌ସନ୍ସ ବ୍ୟାନରରେ ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର ଦେଶାତ୍ମବୋଧକ ଓଡ଼ିଆ ସିନେମା 'ଅପରେଶନ ୧୨/୧୭ : ସାଇ ସରଣମ'। ଜଣେ ବୀର ଜବାନ କିପରି ଦେଶ ସେବା ପାଇଁ ନିଜ ଜୀବନକୁ ସମର୍ପଣ କରୁଛି, ଆଉ ଏହି ସମୟରେ ସ୍ୱାମୀ ପ୍ରତି ପତ୍ନୀଙ୍କର କର୍ତ୍ତବ୍ୟ କ'ଣ ରହୁଛି ତାହା ଏଥିରେ ଦେଖିବାକୁ ମିଳିବ। ପୁଣି ଏହି ସିନେମାରେ ରହିଛି ସାଇ ବାବା ଓ ଭକ୍ତମାନଙ୍କ ମଧ୍ୟରେ ଥିବା ଅନାବିଳ ସ୍ନେହ, ଶ୍ରଦ୍ଧାର ଝଲକ। ଫିଲ୍ମଟିର ଏକ ଗୀତ ଏବଂ କିଛି ସିକ୍ୱେନ୍ସର ଶୁଟିଂ ନିକଟରେ କାଶ୍ମୀରରେ ଶେଷ ହୋଇଛି। ଅନ୍ୟପକ୍ଷରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ମଧ୍ୟ ଚାଲୁ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଶୁଭ୍ରା ପଟ୍ଟନାୟକ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ହାସ୍ୟାଭିନେତା ଅମର ମହାପାତ୍ର। ଦ୍ୱୀପେନ ପଟ୍ଟନାୟକଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ସଂଯୋଜିତ ୪ଟି ଗୀତକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଭୂମିକା ଦାଶ, ଶ୍ରେୟାନ, ଅମର ମହାପାତ୍ର, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ (ଟିଲୁ ଭାଇ), ପଙ୍କଜ ମହାନ୍ତି, ଦୁଷ୍ମନ୍ତ, ଶିଶୁ କଳାକାର କିଆରା ଏବଂ କୋମଲ। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀରେ ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



କିଆରା

# କମେଡ଼ି କରିବେ କିଆରା

କିଆରା ଆଡଭାନୀ ଏବେ ଏକ ନୂଆ ପ୍ରୋଜେକ୍ଟକୁ ନେଇ ଭାରି ବ୍ୟସ୍ତ। କଥା କ'ଣ କି ସେ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ତେଣୁ ଏଭଳି କାମକୁ ସୂଚାରୁ ରୂପେ ତୁଲାଇବାକୁ ସେ ଖାସ୍ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ରୋଲ୍‌ରେ କେବଳ ରୋମାନ୍ସ ନୁହେଁ କମେଡିର ତଡକା ମଧ୍ୟ ରହିଛି। ଏ ନେଇ କିଆରା କହନ୍ତି, 'ଏଭଳି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ। କାରଣ କମେଡି କରିବା ସହଜ କଥା ନୁହେଁ। ତେଣୁ ଏ ନେଇ ନିୟମିତ ଅଭ୍ୟାସ କରୁଛି। ଯେତେବେଳେ ଏହାର କାହାଣୀ ଶୁଣିଲି ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ଫିଲ୍ମଟି ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବି ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ପୁଣି ଏଥିପାଇଁ ନିଜକୁ ଏମିତି ନିୟୋଜିତ କରିଦେଇଛି ଯେ, କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛି।' କିଆରାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ଫୁଗଲି'ରୁ। ତା'ପରେ 'ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ରେ ସାକ୍ଷୀ ରାୱତ ଭୂମିକା କରି ସାଉଁଟିଥିଲେ ଅନେକ ପ୍ରଶଂସା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା–'କଲଙ୍କ', 'କବିର ସିଂ', 'ଗୁଡ ନ୍ୟୁଜ୍', 'ଲକ୍ଷ୍ମୀ', 'ଇନ୍ଦୁ କି ଜୱାନୀ' ଏବଂ 'ସତ୍ୟ ପ୍ରେମ କି କଥା'।




'ଡଙ୍କି' ଫିଲ୍ମର ଏକ ଦୃଶ୍ୟ

# ପାଖେଇ ଆସୁଛି ଶୁଭଦିନ

ଚଳିତ ବର୍ଷ କିଙ୍ଗ ଖାନ୍ ଶାହରୁଖଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଛି। କିଛି ମାସ ପୂର୍ବରୁ ତାଙ୍କ ଅଭିନୀତ 'ଜୱାନ' ଏବଂ 'ପଠାନ୍' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଏବେ ପୁଣି ଆଉ ଏକ ସିନେମା ରିଲିଜ ହେବାକୁ ଯାଉଛି ଚଳିତ ମାସ ୨୧ରେ। ତାହା ହେଲା 'ଡଙ୍କି'। ଗୋଟିଏ ଦେଶର ସୀମାରୁ ଆଉ ଏକ ଦେଶର ସୀମାକୁ ଅନୁପ୍ରବେଶ କରିବାକୁ ଡଙ୍କି କୁହାଯାଏ। ଏଭଳି ଏକ ସନ୍‌ସେସ୍‌ନାଲ ବିଷୟକୁ ନେଇ ସିନେମାଟିଏ ନିର୍ମାଣ କରିଛନ୍ତି ଗୌରୀ ଖାଁ ଏବଂ ଏହାର ନିର୍ଦ୍ଦେଶକ ହେଉଛନ୍ତି ରାଜ କୁମାର ହୀରାନି। ଆଉ ଏହାର ମୁଖ୍ୟ ଭୂମିକାରେ ଦେଖାଦେବେ ଶାହରୁଖ। ସବୁଠାରୁ ଖାସ୍ କଥା ହେଲା, ଏହାର ଟ୍ରେଲର ନିକଟରେ ରିଲିଜ ହୋଇ ବେଶ୍ ଭାରଇାଲ ହୋଇଛି। ଆରମ୍ଭରୁ ଏଭଳି ରେସପନ୍ସ ମିଳିବା ପରେ ଶାହରୁଖଙ୍କ ଖୁସି କହିଲେ ନ ସରେ। ଏ ନେଇ ଶାହରୁଖ କହନ୍ତି, 'ଏବର୍ଷ ମୋ ଅଭିନୀତ ଦୁଇଟି ସିନେମାକୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ। ଚଳିତ ମାସ ୨୧ରେ 'ଡଙ୍କି' ରିଲିଜ ହେଉଛି। ଆଶା ରଖିଛି ଏହି ଫିଲ୍ମଟିକୁ ମଧ୍ୟ ସେମାନେ ଠିକ୍ ଜଷ୍ଟିସ ଦେବେ।' ଏଥିରେ ଶାହରୁଖଙ୍କ ବ୍ୟତୀତ ତାପସୀ ପନ୍ନୁ, ଭିକି କୌଶଲ, ସତୀଶ ଶାହା, ବୋମନ ଇରାନୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଆରମ୍ଭ ଚାରି ବର୍ଷରୁ



ଶଶୀ କପୁର

ବଲିଉଡ୍‌ର ଅନ୍ୟତମ ବର୍ଷୀୟାନ ଅଭିନେତାଙ୍କ ମଧ୍ୟରେ ଶଶୀ କପୁର ଅନ୍ୟତମ। ଯୁବାବସ୍ଥାରେ ସେ ଅନେକ ରୋମାଣ୍ଟିକ ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। କେବଳ ହିନ୍ଦୀ ନୁହେଁ, ସେ କେତୋଟି ହଲିଉଡ୍ ଏବଂ ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ଅଭିନୟ ଜୀବନରେ ସେ ପ୍ରାୟ ୧୫୦ଟି ସିନେମାରେ ନିଜ ଅଭିନୟ ଦକ୍ଷତାର ଛାପ ଛାଡି ଯାଇଛନ୍ତି। ଶଶୀଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ହିନ୍ଦୀ ସିନେମା 'ଆଗ୍'ରୁ। ଏଥିରେ ସେ ତାଙ୍କର ବଡ ଭାଇ ତଥା ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ରାଜ କପୁରଙ୍କ ପିଲା ଦିନ ଭୂମିକାରେ ଅଭିନୟ କରିଥିଲେ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୪ ବର୍ଷ। ତାଙ୍କର ପ୍ରକୃତ ନାମ ଥିଲା ବଲବୀର ରାଜ କପୁର। କିନ୍ତୁ ଯେତେବେଳେ ସେ ଫିଲ୍ମ ଜଗତରେ ପ୍ରବେଶ କଲେ ସେତେବେଳେ ତାଙ୍କର ନାମ ପରିବର୍ତ୍ତନ କରି ଶଶୀ କପୁର ରଖିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ଦିୱାର', 'ଶାନ୍', 'ସତ୍ୟମ ଶିବମ୍ ସୁନ୍ଦରମ', 'ଜବ୍ ଜବ୍ ଫୁଲ୍ ଖିଲେଁ', 'କଭି କଭି', 'କାଲା ପଥର', 'ତ୍ରିଶୁଲ', 'ସୁହାଗ' ଏବଂ 'ରୋଟି କପଡା ଔର ମକାନ୍' ଆଦି।



ଦୀପିକା

# ଇମୋଶନାଲ ଦୀପିକା

ଦୀପିକା ପାଦୁକୋନ୍ କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ଏକ ନୂଆ ସିନେମାର କାହାଣୀ ଶୁଣିବା ସମୟରେ ତାଙ୍କୁ ଏଭଳି ଅବସ୍ଥାରେ ଦେଖିବାକୁ ମିଳିଥିଲା। କାହାଣୀ ଶୁଣିବା ସମୟରେ ସେ ପ୍ରାରମ୍ଭରୁ ବେଶ୍ ଖୁସି ଜଣାପଡୁଥିଲେ। ହେଲେ ଯେତେବେଳେ କ୍ଲାଇମାକ୍ସ ଆସିଲା ସେତେବେଳେ ସେ ହଠାତ୍ ଗମ୍ଭୀର ହୋଇଯାଇଥିଲେ। ତାଙ୍କର ଦୁଇ ଆଖି ଛଳଛଳ ହୋଇଯାଇଥିଲା। ଏ ସମ୍ପର୍କରେ ଦୀପିକା କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତେଣୁ ମୁଁ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିପାଇଁ ମୋତେ ଟିକେ ପରିଶ୍ରମ କରିବାକୁ ପଡିବ।' ହେଲେ ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ତେବେ ଏହି ଫିଲ୍ମଟି ତାଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# କେବଳ ଗୁଜବ

କଙ୍ଗନା ରାଣାୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କ'ଣ ପାଇଁ ଜାଣନ୍ତି? ବଲିଉଡ୍‌ରେ ଆଲୋଚନା ହେଉଛି ଯେ, ସେ କୁଆଡେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଏଭଳି ଆଲୋଚନା ବିଷୟରେ ଯେତେବେଳେ ସେ ଜାଣିଲେ କେମିତି ଚୁପ୍ ହୋଇ ବସି ରହିଥାନ୍ତେ କହୁନାହାନ୍ତି? ଶେଷରେ ମୁହଁ ଖୋଲିବାକୁ ବାଧ୍ୟ ହେଲେ। ଏ ନେଇ ସଫେଇ ଦେଇ ସେ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରନ୍ତି।'' ଅନ୍ୟପକ୍ଷରେ କଙ୍ଗନାଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଇମରଜେନ୍ସି' ରିଲିଜ ଅପେକ୍ଷାରେ ରହିଛି।



କଙ୍ଗନା

# ପ୍ରାପ୍ତିର ପୁଳକ ସର୍ବଦା ମଧୁର

**ପ୍ରଥମ ରୋଜଗାର**

କବି ଓ ଶିକ୍ଷୟିତ୍ରୀ **ଲତିକା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ପ୍ରାପ୍ତିର ପୁଳକ ସର୍ବଦା ମଧୁର। ଅକୁହା ସେ ପୁଳକ। ଜୀବନର ଚଲାପଥରେ ଆସିଛି ଏମିତି ଅନେକ ମୁହୂର୍ତ୍ତ, ପ୍ରାପ୍ତିର ପୂର୍ଣ୍ଣତା ନେଇ । ପ୍ରଥମ ପ୍ରେମର ମିଠା ମିଠା ଅନୁଭବ.. ପରୀକ୍ଷାରେ ପ୍ରଥମ ହେବାର ଆତ୍ମସନ୍ତୋଷ.. ପ୍ରଥମେ ମା' ହେବାର ଆତ୍ମହରା ମୁହୂର୍ତ୍ତ.. ଆଉ ସେଇମିତି ବୃତ୍ତିରେ ପ୍ରଥମ ବେତନ ହାତକୁ ଆସିବାର ନିଆରା କ୍ଷଣ। ହଁ, ଆଜି ମୁଁ ଆପଣମାନଙ୍କୁ କହିବି ସେଇ ପୁଳକର ସ୍ମୃତି, ମୋର ପ୍ରଥମ ଅର୍ଜନର ରୋମାଂଚ, ଆନନ୍ଦ, ଭାବପ୍ରବଣତା ଆଉ ଆତ୍ମବିଶ୍ୱାସର ନିଆରା ଅନୁଭୂତି । ପ୍ରଥମ ରୋଜଗାରର ସ୍ମୃତି ଖୁବ ନିଆରା ସତରେ। ଉଣେଇଶ ଅଠାନବେ ଡିସେମ୍ବର ତିରିଶରେ ଗ୍ରାଜୁଏଟ ପିସିଏମ ଶିକ୍ଷକ ଭାବରେ, ପୁରୀ ଜିଲ୍ଲାର ବୀରନରସିଂହପୁରର ଭାର୍ଗବୀ ହାଇସ୍କୁଲରେ ମୋର ପ୍ରଥମ ପୋଷ୍ଟିଂ ହୁଏ। ଯୋଗ ଦେବାପାଇଁ ଧାର୍ଯ୍ୟ ତାରିଖର ଶେଷଦିନର ଠିକ୍ ପୂର୍ବଦିନ ଅର୍ଥାତ ଡିସେମ୍ବର ୩୦, ୧୯୯୮ରେ ମୁଁ ଯୋଗ ଦେଲି ସ୍କୁଲରେ। ଗୁରୁତର ଭାବରେ ହାଡଫୁଟିରେ ଆକ୍ରାନ୍ତରୁ ବାହାରିଥିଲି। ତେଣୁ ଦେହ ଖୁବ ଦୁର୍ବଳ ଲାଗୁଥାଏ । ବହୁତ ବଡ଼ ସ୍କୁଲ । ଯୋଗ ଦେବା ସମୟରେ ଚାଲିଥାଏ ଷାଣ୍ମାସିକ ପରୀକ୍ଷା। ଲମ୍ବା ହଲରେ ମୋର ପରୀକ୍ଷା ଡିଉଟି ।ସେଇଠି ପିଲାଙ୍କ ସହ ପ୍ରଥମ ପରିଚୟ। ସ୍କୁଲର ଖୁବ ନିକଟରେ ଭାର୍ଗବୀ ନଦୀ। ଭଲ ଲାଗିଲେ ଶକୁନ୍ତଳା ଗୁରୁମା, ସଂସ୍କୃତ ଶିକ୍ଷୟିତ୍ରୀ ଉଷା ଦିଦି, ସୁନନ୍ଦା ଦିଦି ଓ ଆଉ ସମସ୍ତେ । ଚାହୁଁ ଚାହୁଁ ବିତିଗଲା ମାସଟିଏ ।

ଯିବା ଆସିବାର କଷ୍ଟ, ବୋଉ ପାଖରେ ଝିଅକୁ ଛାଡି ଆସିବାର ଦିନସବୁ ଛଦି ପକାଉଥାଏ ସ୍କୁଲର ଆନନ୍ଦ ଓ ଆଗ୍ରହକୁ। ହଠାତ ଦିନେ ସୁନନ୍ଦା ଦିଦି କହିଲେ କାଲି ଦରମା ମିଳିବ। ରେଭେନ୍ୟୁ ଷ୍ଟାମ୍ପ ଆଣିଥିବେ। ମନରେ ଏକ ଭିନ୍ନ ଆନନ୍ଦର ସୁଅ। ଇଲେକ୍ଟ୍ରିକାଲ ଇଂଜିନିୟର ମୋର ନନାଙ୍କଠୁ ଷ୍ଟାମ୍ପଟିଏ ନେଲି। ମନେ ମନେ ପ୍ରଣାମ କଲି ତାଙ୍କୁ। ମନ ଖୁବ ହାଲୁକା ଲାଗୁଥାଏ ଅଦ୍ଭୁତ ଖୁସିରେ। ରିସେସ୍‌ର ଗୋଟେ ପିରିୟଡ଼ ପରେ, ଅର୍ଥାତ ଷଷ୍ଠ ପିରିୟଡ଼ରେ ଆମ ସବୁ ଷ୍ଟାଫଙ୍କୁ ପିଅନ କ୍ଲାସରୁ ଅଫିସ ରୁମକୁ ଡ଼ାକିନେଲେ। ସବୁ ସାର, ଦିଦି ସେଇଠି ଥାଆନ୍ତି। ସିନିୟର ମୋଷ୍ଟ ଗୋବିନ୍ଦ ଚନ୍ଦ୍ର ରଥ ସାର ମୋ ହାତକୁ ବଢ଼ାଇ ଦେଲେ ଛ ହଜାର ଟଙ୍କା ।

ସେଇ ନୋଟ ସବୁ ହାତରେ ଛୁଇଁବାର ଆନନ୍ଦ ଆଜି ବି ଅଭୁଲା । ଏବେ ତ ଦରମା ପାଇବାର ମଜା ନାହିଁ, କାରଣ ତାହା ଆକାଉଣ୍ଟରେ ସିଧା ଜମା ହୋଇଯାଉଛି। ମାସର ପ୍ରଥମ ଦିନ ଦରମା ଟଙ୍କା ହାତରେ ଗଣି ନେବାର ଖୁସି ନିଆରା ସତରେ। ଆଜି ବି ସେଇଦିନ, ସେଇ ଖୁସିକୁ ମୁଁ ଝୁରି ହୁଏ। ସେଇ ଟଙ୍କାରେ କିଣାଗଲା ପୁରୀ ବଡଦାଣ୍ଡ ମାର୍କେଟ ଛକ ଫଳ ଦୋକାନରୁ ଏକ କିଲୋ ଅଙ୍ଗୁର। ଘର ଦିଅଁ ରାଧା ଗୋବିନ୍ଦ, ମଙ୍ଗଳା ମା'ଙ୍କ ପାଇଁ ଭୋଗ । ଫେରିବା ରାସ୍ତାରେ ରିକ୍ସା ଅଟକାଇ ଝିଅ ପାଇଁ ଦେଶୀ କଦଳୀ, ଘରେ ସମସ୍ତଙ୍କ ପାଇଁ ଇଣ୍ଡିଆନ ବ୍ୟାଙ୍କ ପାଖ ଅଳିଆଗଦା ଛକର ପୁରୁଣା ଜଳଖିଆ ଦୋକାନରୁ ରସଗୋଲା। ବାରମ୍ବାର ରିକ୍ସା ଅଟକାଇ ମୁଁ ଏସବୁ କିଣୁଥାଏ। ଘରେ ପହଞ୍ଚିଲା ବେଳକୁ ପ୍ରାୟ ଛଅଟା । ବୋଉ ବ୍ୟସ୍ତ ହେଉଥାଏ। ଘରେ ପହଞ୍ଚି ଖୁସିରେ ବୋଉ ହାତକୁ ସବୁ ବଢ଼ାଇ ଦେଇ କହିଲି, ଜାଣିରୁ ବୋଉ ଆଜି ଦରମା ପାଇଲି ଛଅ ହଜାର ଟଙ୍କା। ନେଲୁ ଆଗେ ଦିଅଁଙ୍କୁ ଭୋଗ କରିଦେବୁ। ମୋ ସ୍ୱାମୀଙ୍କୁ ଫୋନ କରି ଦରମା ପାଇବାର ଖବର ଜଣେଇ ଖୁସିରେ ଫାଟି ପଡ଼ିଲି । ମୋ ପୂଜ୍ୟ ନନା ରଘୁହରି ମହାପାତ୍ର ଯିଏ ମୋ ପ୍ରେରଣାର ଉତ୍ସ ତାଙ୍କୁ ଭୁବନେଶ୍ୱରରୁ ରାତିରେ ଫେରିବା ପରେ ଖୁବ ସନ୍ତର୍ପଣରେ ଦେଲି ଏ ଖୁସିର ଖବର। ତାଙ୍କ ଆଖିର ଚମକ ଆଜିଯାଏଁ ମୁଁ ଭୁଲିପାରିନି। ଝିଅକୁ ପାଠ ପଢ଼େଇ ସ୍ୱାବଲମ୍ବୀ କରେଇପାରିଥିବା ଜଣେ ବାପାଙ୍କ ଆତ୍ମସନ୍ତୋଷ ଓ ସ୍ୱାଭିମାନର ସେ ମୁହୂର୍ତ୍ତ ବର୍ଣ୍ଣନା କରିହେବନି। ସେ ସବୁବେଳେ ସେଇଆ ହିଁ ଚାହିଁଥିଲେ।

ପରେ ପରେ ସେଇ ଦରମା ଟଙ୍କାରେ ବୋଉ ପାଇଁ ରୋଲଡ଼ ଗୋଲଡ଼ ଚୁଡ଼ି, ମୋର ପର୍ଲ ମାଳି ଓ ପାଉଁଜି ପୁରୀ ଗ୍ରାଣ୍ଡ ସେଣ୍ଟରରୁ କିଣିବାର ମଜା କେବେ ବି ଭୁଲି ପାରିବିନି। ଆଜି ମୁଁ ତାଳଚେର, ପଡିଆଭଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ । ଦରମା ଟଙ୍କାର ପରିମାଣ ବି ବହୁତ ବଢ଼ିଗଲାଣି। ହେଲେ ପ୍ରଥମ ରୋଜଗାର ଆଉ ସେ ନୋଟ ସବୁର ସ୍ପର୍ଶ, ସେ ରୋମାଂଚ, ସେ ପୁଳକର ସ୍ମୃତି ଶିହରଣ ଆଣେ । ମେଞ୍ଚାଏ ସବୁଜିମା ମାଡ଼ିଯାଏ ଗତାନୁଗତିକ ଭାବରେ ଗଡି ଚାଲିଥିବା ପଥୁରିଆ ଜୀବନରେ ।

# ମଉନାବତୀର ଲାଜୁଆ ହସ, କେତେବେଳେ ମିଠା କେତେବେଳେ ବିଷ

**ସାଥୀ**

**ପ୍ରଶ୍ନ**—ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

—ତପନ ରାଉତ, ଯାଜପୁର

**ଉତ୍ତର :** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ମଉନାବତୀର ଲାଜୁଆ ହସ, କେତେବେଳେ ମିଠା କେତେବେଳେ ବିଷ।' ତେଣୁ ସେହି ହସକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଆଗାନ୍ତୁ। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**—ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?

—ତନ୍ମୟ ଦାସ, ଆନନ୍ଦପୁର, କେଉଁଝର

**ଉତ୍ତର :** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାଶରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**—ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

—ଅମନ କୁମାର, କଟକ

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି-ପ୍ୟାର୍ କା ଲଡୁ ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର ଅବା ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

—ବିଜୟ ସାହୁ, ଅନୁଗୋଳ

**ଉତ୍ତର :** ସେ ବୋଧହୁଏ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫଶାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !





# ଲେଦର ଜ୍ୟାକେଟ୍

**ଶୀତ ଆସିଲେ ଲେଦର ଜ୍ୟାକେଟ୍‌ର ଚାହିଦା ବଢ଼ିଯାଏ। କାରଣ ଏହାକୁ ପିନ୍ଧିଲେ ଇନ୍‌ଷ୍ଟାଣ୍ଟ ଗ୍ଲାମର ଲୁକ୍ ମିଳେ। ପାର୍ଟି ହେଉ ଅବା ଆଉଟିଂ ସବୁ କ୍ଷେତ୍ରରେ ଏହାକୁ ପିନ୍ଧାଯାଇପାରେ। ଏହି ଲେଦର୍ ଜ୍ୟାକେଟ୍ ବି ବିଭିନ୍ନ ଡିଜାଇନ୍‌ରେ ଆସେ। ଜାଣନ୍ତୁ ସେମିତି କିଛି ଫ୍ୟାଶନେବଲ୍ ଲେଦର୍ ଜ୍ୟାକେଟ୍ ସମ୍ପର୍କରେ...**

**ଷ୍ଟଡେଡ୍ ଅବ୍‌ଷ୍ଟ୍ରାକ୍ଟ ଲେଦର ଜ୍ୟାକେଟ୍:** ଏହି ଜ୍ୟାକେଟ୍‌ର ବିଭିନ୍ନ ସ୍ଥାନରେ ସୁନ୍ଦର ସୁନ୍ଦର ଷ୍ଟଡ୍ ଖଚିତ ହୋଇଥାଏ। ଏହାକୁ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳେ। ଅନ୍ୟ ରଙ୍ଗ ତୁଳନାରେ କଳାରଙ୍ଗର ଜ୍ୟାକେଟ୍ ବେଶି ଷ୍ଟାଇଲିଶ୍ ଲାଗିଥାଏ। ଆଉଟିଂ ହେଉ ଅବା ପାର୍ଟି ସବୁ କ୍ଷେତ୍ରରେ ଏହାକୁ ପିନ୍ଧି ହୁଏ।

**ଫ୍ରିଙ୍ଗଡ୍ ଲେଦର ଜ୍ୟାକେଟ୍:** ଲୁକ୍‌କୁ ଆହୁରି ଗ୍ଲାମର୍ସ ଟଚ୍ ଦେବାକୁ ଚାହୁଁଥିବା ଯୁବତୀଙ୍କ ପାଇଁ ଏହି ଜ୍ୟାକେଟ୍ ପର୍‌ଫେକ୍ଟ ଚଏସ୍। ଖାସ୍‌କରି ଏହି ଜ୍ୟାକେଟ୍‌ର ହାତ, ପକେଟ୍ କିମ୍ବା ତଳଭାଗରେ ମେଞ୍ଚାଏ ସୂତା ଗୁଚ୍ଛ ପରି ଓହଳି ରହିଥାଏ ; ଯାହାକୁ ପିନ୍ଧିଲେ ହଟ୍ ଲୁକ୍ ମିଳେ।

**ପ୍ରିଣ୍ଟେଡ୍ ଲେଦର ଜ୍ୟାକେଟ୍:** ଟ୍ରେଣ୍ଡି ଲୁକ୍ ପାଇଁ ପ୍ଲେନ୍ ଜ୍ୟାକେଟ୍ ପରିବର୍ତ୍ତେ ଯୁବତୀମାନେ ଚାହିଁଲେ ପ୍ରିଣ୍ଟେଡ୍ ଲେଦର ଜ୍ୟାକେଟ୍ ବି ଟ୍ରାଏ କରିପାରିବେ। ଏହା ଦେଖିବାକୁ ଯେମିତି ଆକର୍ଷଣୀୟ, ପିନ୍ଧିବାକୁ ସେମିତି କମ୍ଫଟେବଲ୍ ଲାଗେ।

**ସ୍ଲୋଗାନ ଲେଦର ଜ୍ୟାକେଟ୍:** ସ୍ଲୋଗାନ ଟି-ଶାର୍ଟ ଏବଂ ଜିନ୍ସ ପରେ ଏବେ ସ୍ଲୋଗାନ ଲେଦର ଜ୍ୟାକେଟ୍‌ର ବି ଖୁବ୍ ଚାହିଦା ରହିଛି। ସ୍ମାର୍ଟ କିମ୍ବା ଫନି ସ୍ଲୋଗାନ ଥିବା ଏହି ଜ୍ୟାକେଟ୍ ଡିଫରେଣ୍ଟ ଲୁକ୍ ଦେଇଥାଏ। ତା'ଛଡ଼ା ମାର୍କେଟ୍‌ରେ ଏହି ଟାଇପ୍‌ର ଜ୍ୟାକେଟ୍ ବିଭିନ୍ନ ରଙ୍ଗରେ ବି ଉପଲବ୍ଧ ହୋଇଥାଏ।

**ଗୋଲ୍ଡେନ୍ ଏମ୍ବଲିଶ୍ଡ ଲେଦର ଜ୍ୟାକେଟ୍:** କୌଣସି ପାର୍ଟିକୁ ଯିବାର ଥିଲେ ଡ୍ରେସ୍ ଉପରେ ଏହି ଷ୍ଟାଇଲ୍‌ର ଜ୍ୟାକେଟ୍ ପିନ୍ଧିଲେ ଯୁବତୀମାନେ ଅଧିକ ଷ୍ଟାଇଲିଶ୍ ଲାଗିବେ। କାରଣ ଏହି ଜ୍ୟାକେଟ୍ ଉପରେ କାମ ହୋଇଥିବା ଗୋଲ୍ଡେନ୍ ରଙ୍ଗର ସୁନ୍ଦର ଷ୍ଟଡ୍ ଭିଡ଼ ଭିତରେ ବେଶ୍ ଆକର୍ଷଣୀୟ ଲାଗେ।


**ଏମ୍ବ୍ରୋଡରି ଲେଦର ଜ୍ୟାକେଟ୍:** ଏବେ ଏମ୍ବ୍ରୋଡରି ଲେଦର ଜ୍ୟାକେଟ୍ ବେଶ୍ ଟ୍ରେଣ୍ଡରେ ଅଛି। ଫ୍ଲୋରାଲ ଷ୍ଟାଇଲ୍ ହେଉ ଅବା ଅନ୍ୟ ଯେକୌଣସି ଆକର୍ଷଣୀୟ ଡିଜାଇନ୍‌ର ଏମ୍ବ୍ରୋଡରି କାମ ହୋଇଥିବା ଏହି ଜ୍ୟାକେଟ୍ ଯୁବତୀଙ୍କୁ ନୂଆ ଲୁକ୍ ଦେଇଥାଏ। ଖାସ୍ କରି ବେକ ହେଉ ଅବା ସାମ୍ନାପଟ ଅଥବା ହାତ ପାଖରେ ଏମ୍ବ୍ରୋଡରି କାମ ହୋଇଥିବା ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ଦେଖାଯାଏ।





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଆର୍ଲିନ ଅଙ୍କିତା

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### କରେଣ୍ଟ

ଶିକ୍ଷକ ଚିଣ୍ଟୁକୁ: ହୋମ୍‌ୱାର୍କ କାହିଁକି କରିନୁ ?
ଚିଣ୍ଟୁ: ମୁଁ ପଢ଼ିବାକୁ ବସୁ ବସୁ କରେଣ୍ଟ ପଳେଇଲା।
ଶିକ୍ଷକ: କରେଣ୍ଟ ଆସିବା ପରେ ପଢ଼ିଲୁନି।
ଚିଣ୍ଟୁ: ମୁଁ ଡରିଗଲି କାଳେ ପୁଣି ପଢ଼ିବାକୁ ବସିଲେ କରେଣ୍ଟ ପଳେଇବ।

### ଓଜନ

ବାପା ପପୁକୁ: ତୁ ସ୍କୁଲ ଯିବୁନି କି ? ଏଯାଏ ରେଡି ହେଇନୁ ଯେ ?
ପପୁ: ନାଁ ଯିବିନି।
ବାପା: କାହିଁକି ?
ପପୁ: ଜାଣିଛ ବାପା, କାଲି ସ୍କୁଲରେ ଆମ ସମସ୍ତଙ୍କୁ ଓଜନ କରାହେଇଥିଲା।
ବାପା: ହଁ ଜାଣିଛି।
ପପୁ: ଜାଣିକି କେମିତି କହୁଛ ସ୍କୁଲ ଯିବାକୁ ? କାଲି ଓଜନ କଲେ, ଆଜି ଯଦି ଆମକୁ ବିକ୍ରି କରିଦେବେ ! ତମକୁ ଡ଼ର ଲାଗୁନି ?

### ଗିଫ୍ଟ

ଜେଜେମା'ଙ୍କର ଜନ୍ମଦିନ ଥାଏ। ବାପା ପୁଅକୁ: ତୁ ତୋ ଜେଜେମା'କୁ କ'ଣ ଗିଫ୍ଟ ଦେବୁ ?
ପୁଅ: ଫୁଟବଲ୍।
ବାପା: ଏ ବୟସରେ ତୋ ଜେଜେମା' ଫୁଟବଲ୍‌କୁ ନେଇ କ'ଣ କରିବ ?
ପୁଅ:ଜେଜେମା' ବି ତ ମୋ ଜନ୍ମଦିନରେ ପୁରାଣ ବହି ଦେଇଥିଲା। ସେ ତ ଭାବିଲାନି ମୁଁ ଏ ବୟସରେ ପୁରାଣ ବହି କ'ଣ କରିବି।



# ପକ୍ଷୀପ୍ରେମୀଙ୍କ ସ୍ୱର୍ଗ ନଳ ସରୋବର

**ଗୁଜରାଟର ଏକ ଆର୍ଦ୍ର ଭୂମି ପକ୍ଷୀ ଅଭୟାରଣ୍ୟ ଭାବେ ନଳ ସରୋବରର ବେଶ୍ ନାଁ ରହିଛି। ପକ୍ଷୀପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ସ୍ୱର୍ଗସମ ସ୍ଥାନ; ଯେଉଁମାନେ କି ମୁଖ୍ୟତଃ ଶୀତଦିନେ ଏଠାକୁ ବିଭିନ୍ନ ପ୍ରକାର ପ୍ରବାସୀ ପକ୍ଷୀ ତଥା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବାକୁ ଆସିଥାନ୍ତି ...**





ଗୁଜରାଟର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ନଳ ସରୋବର ପକ୍ଷୀ ଅଭୟାରଣ୍ୟର ବେଶ୍ ନାଁ ରହିଛି। ଏହା ପ୍ରାୟ ୧୨୦.୮୨ ବର୍ଗ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ; ଯାହା ମଧ୍ୟରେ ପର୍ଯ୍ୟଟକ ଏକ ବଡ଼ ହ୍ରଦକୁ ବି ଦେଖିପାରିବେ। ଖାସ୍‌କରି ଏଠାକାର ଅନୁକୂଳ ପାଣିପାଗ ପାଇଁ ଶୀତଦିନେ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀ ଏଠାକୁ ଆସିଥାନ୍ତି। ତା'ଛଡ଼ା ନଳ ସରୋବରରେ ଅନେକ ପ୍ରଜାତିର ଘରୋଇ ପକ୍ଷୀ ବି ଦେଖିବାକୁ ମିଳିଥାନ୍ତି। ଆଉ ସେହିମାନଙ୍କୁ ସୁରକ୍ଷା ଦେବା ପାଇଁ ୧୯୬୯ ମସିହାରେ ଏହି ନଳ ସରୋବର ପକ୍ଷୀ ଅଭୟାରଣ୍ୟଟି ଏଠାରେ ଗଢ଼ି ଉଠିଥିଲା। ଏଠାରେ ଏକ ବଡ଼ ହ୍ରଦ ଥିବାରୁ ଏଠାକାର ଭୂମି ପ୍ରାୟତଃ ଆର୍ଦ୍ରତାପୂର୍ଣ୍ଣ ରହିଥାଏ ; ଫଳରେ ପକ୍ଷୀମାନଙ୍କୁ ଏଠାରେ ବହୁତ ଭଲ ଲାଗେ। ସେଥିପାଇଁ ବର୍ଷ ସାରା ଏଠାରେ ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ଦେଖିହୁଏ। କିନ୍ତୁ ମୁଖ୍ୟତଃ ପ୍ରବାସୀ ପକ୍ଷୀଙ୍କ ସଂଖ୍ୟା ଶୀତଦିନେ ଟିକେ ଅଧିକ ବଢ଼ିଯାଏ ।

**କ'ଣ ଦେଖିବେ:** ଶୀତ ଆରମ୍ଭ ହେଲେ ଅର୍ଥାତ୍ ନଭେମ୍ବର ବେଳକୁ ଏଠାକୁ ଭ୍ରମଣକାରୀ ପକ୍ଷୀଙ୍କ ଆସିବା ଆରମ୍ଭ ହୋଇଯାଏ। ମୁଖ୍ୟତଃ ଏହି ଅଭୟାରଣ୍ୟକୁ ବିଭିନ୍ନ ସ୍ଥାନରୁ ରୋଜି ପେଲିକାନ୍, ଫ୍ଲାମିଙ୍ଗୋ, ହ୍ୱାଇଟ୍ ଷ୍ଟୋର୍କ, ବ୍ରାହ୍ମିଣୀ ଡକ୍, ହେରନ୍, ୱାଟର୍‌ଫଲ୍, ୱାଡିଂ ବାର୍ଡ୍ସ, ବ୍ରିଟନ୍ସ, କ୍ରାକ୍ସ, ଗ୍ରୀବେସ୍ ଭଳି ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଭ୍ରମଣକାରୀ ପକ୍ଷୀ ଉଡ଼ି ଆସନ୍ତି ।

ତା'ଛଡ଼ା ନଳ ସରୋବରରେ ଦେଖାଯାଉଥିବା କେତେକ ଘରୋଇ ପକ୍ଷୀ ହେଲେ ଓପନ୍-ବିଲ୍ ଷ୍ଟର୍କ, ପେଣ୍ଟେଡ୍ ଷ୍ଟର୍କ, ବ୍ଲାକ୍-ନେକ୍‌ଡ ଷ୍ଟର୍କ, ସ୍ପୁନ୍‌ବିଲ୍, ପର୍ପଲ ହେରନ, ବ୍ଲାକ୍ ଡ୍ରୋଙ୍ଗୋ, ଇଣ୍ଡିଆନ୍ ମୁର୍‌ହେନ୍ ଇତ୍ୟାଦି। ପକ୍ଷୀଙ୍କ ବ୍ୟତୀତ ଏହି ଅଭୟାରଣ୍ୟରେ ଜଙ୍ଗଲୀ ଗଧ, କୋକିଶିଆଳି, ବିଲୁଆ, ନେଉଳ, ବ୍ଲାକ୍ ବକ୍, କିଛି ବିରଳ ଜାତିର କଇଁଛ ଓ ସାପ ଆଦି ମଧ୍ୟ ଦେଖାଯାଇଥାନ୍ତି। ସେହିପରି ଏହି ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ଔଷଧୀୟ ଗଛ ବି ଦେଖିବାକୁ ମିଳିଥାଏ।

**ବୋଟିଂର ମଜା ନିଆରା:** ଏଠାରେ ଥିବା ହ୍ରଦରେ ପର୍ଯ୍ୟଟକ ବୋଟିଂର ଭରପୂର ମଜା ନେଇପାରିବେ। କିନ୍ତୁ ଏଥିପାଇଁ ସେମାନଙ୍କୁ କିଛି ଶୁଳ୍କ ଦେବାକୁ ହେବ। କେବଳ ସେତିକି ନୁହେଁ, ଏହି ପକ୍ଷୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ପାଇଁ ପ୍ରବେଶ ଶୁଳ୍କ ତଥା କ୍ୟାମେରା ପାଇଁ ବି ଅଲଗା ଶୁଳ୍କ ଦେବାକୁ ପଡ଼ିଥାଏ।

**କେବେ ଓ କେମିତି ଯିବେ:** ନଳ ସରୋବର ପକ୍ଷୀ ଅଭୟାରଣ୍ୟକୁ ବର୍ଷର ଯେକୌଣସି ସମୟରେ ବୁଲିବାକୁ ଯାଇହେବ। ତେବେ ଶୀତଦିନେ ଏଠାକାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ। ଏହି ସମୟରେ ଜାତିଜାତିକା ପକ୍ଷୀ ଏଠାକୁ ଆସିଥାନ୍ତି। ଖାସ୍‌କରି ନଭେମ୍ବରରୁ ଫେବୃୟାରୀ ଭିତରେ ଏଠାକୁ ବୁଲିଗଲେ ବିଭିନ୍ନ ଜାତିର ପକ୍ଷୀ ଦେଖିବାକୁ ମିଳିଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କ ପାଇଁ ଏହି ଅଭୟାରଣ୍ୟଟି ସକାଳ ୬ରୁ ସନ୍ଧ୍ୟା ୫.୩୦ ଯାଏଁ ଖୋଲା ରହିଥାଏ। ସେହିପରି ଗମନାଗମନର ମଧ୍ୟ ବେଶ୍ ସୁବିଧା ଏଠାରେ ରହିଛି। ଗୁଜରାଟର ଅହମଦାବାଦ ନିକଟରେ ଥିବା ସାନନ୍ଦ ନାମକ ଏକ ସ୍ଥାନଠାରୁ ପ୍ରାୟ ୬୪ କି.ମି. ଦୂରରେ ରହିଛି ଏହି ଅଭୟାରଣ୍ୟଟି। ତେଣୁ ପର୍ଯ୍ୟଟକ ନିଜ ଗାଡ଼ିରେ ବି ଏହି ସ୍ଥାନକୁ ଆରାମରେ ବୁଲିବାକୁ ଆସିପାରିବେ।












# ପାହାଡ଼ିଆ ରାସ୍ତା ଅଙ୍କାବଙ୍କା କାହିଁକି







ପାହାଡିଆ ରାସ୍ତାରେ ଯିବାର ମଜା ଅଲଗା। ଏହାର ଅଙ୍କା ବଙ୍କା ଉଠାଣୀ ଗଡାଣୀ ରାସ୍ତାରେ ଗଲାବେଳେ ରୋମାଞ୍ଚ ବଢିଯାଏ। ହେଲେ କେବେ ଭାବିଛନ୍ତି କି ସବୁ ପାହାଡିଆ ରାସ୍ତା ଏମିତି ଅଙ୍କାବଙ୍କା କାହିଁକି? ଜାଣନ୍ତୁ ସେ ସମ୍ପର୍କରେ...

ପାହାଡରେ ଉଠାଣି ଗଡାଣି ଅଧିକ ଥାଏ । ଯଦି ଏଠାରେ ରାସ୍ତା ବଙ୍କା ଟଙ୍କା ନ କରି ସିଧା କରାଯାଏ ତେବେ ଗଡାଣୀ ରାସ୍ତା ଅଧିକ ତୀଖ ଗଡାଣିଆ ଓ ଉଠାଣୀ ଅଧିକ ତୀଖ ହେବ । ଫଳରେ ଗାଡି ଚାଳକଙ୍କୁ ନିୟନ୍ତ୍ରଣରେ ରଖି ଚଳାଇବା କଷ୍ଟ ହେବ । ଗାଡି ଦ୍ରୁତ ବେଗରେ ଗଡି ଯିବ । ବ୍ରେକ୍ ବି କାମ ଦେବନି । ଆଉ ଦୁର୍ଘଟଣା ଅଧିକ ହେବାର ଆଶଙ୍କା ରହିବ । ଆଉ ବଙ୍କା ଟଙ୍କା ରାସ୍ତା ହେଲେ ରାସ୍ତାର ମୋଡ ଗାଡିର ବେଗକୁ କମ୍ କରିବାରେ ସାହାଯ୍ୟ କରିବ । ଫଳରେ ଦୁର୍ଘଟଣା ଆଶଙ୍କା କମିବ । ସିଧା ଗଡାଣି ହେଲେ ବର୍ଷାଦିନେ ରାସ୍ତା ଧୋଇଯିବାର ଆଶଙ୍କା ବି ଅଛି । ହେଲେ ବଙ୍କା ଟଙ୍କା ହେଲେ ଏଭଳି ହେବାର ଆଶଙ୍କା କମ୍ । ତେଣୁ ରାସ୍ତା ତିଆରି ବେଳେ ଧ୍ୟାନ ଦିଆଯାଏ ଯେମିତିକି ରାସ୍ତାର ଗଡାଣୀ ଅଧିକ ନ ରହେ । ରାସ୍ତା କେତେ ମାତ୍ରାରେ ଗଡାଣିଆ ହେବ ତାର ପ୍ରତିଶତ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ଭିନ୍ନ ଭିନ୍ନ । ତା'ସହ ରାସ୍ତା କଲାବେଳେ ଅଞ୍ଚଳର ପ୍ରାକୃତିକ ରେଖା ସହିତ ତାଳମେଳ ବି ରଖାଯାଏ । ତେଣୁ ରାସ୍ତା ଅଙ୍କାବଙ୍କା ହୋଇଯାଏ । ଅର୍ଥାତ୍ ରାସ୍ତା ଯଦି ପାହାଡ ଉପରୁ ତଳକୁ କରାଯାଏ ତେବେ ତାହା ଏକଦମ୍ ସିଧା କରାଯାଇ ନ ଥାଏ । ଅଙ୍କାବଙ୍କା କରି କରି ଧୀରେ ଧୀରେ ତଳ ଆଡକୁ ରାସ୍ତା କରାଯାଏ । ଏହାବାଦ୍ ପୂର୍ବେ ଯେତେବେଳେ ଗଧ ପିଠିରେ ଜିନିଷ ଲଦି ପାହାଡ ଚଢା ଯାଉଥିଲା, ସେ ସିଧା ରାସ୍ତାରେ ନ ଯାଇ ଗୋଲ ଗୋଲ ବୁଲି ପାହାଡ ଚଢୁଥିଲା । କାରଣ ସେମିତି ଚଢିବା ସହଜ ହେଉଥିଲା । ପରେ ସେହି ରାସ୍ତା ଲୋକଙ୍କ ଯିବା ଆସିବା ରାସ୍ତା ପାଲଟି ଯାଉଥିଲା । ଅଙ୍କାବଙ୍କା ରାସ୍ତା ହିଁ ପାହାଡିଆ ରାସ୍ତାକୁ ସୁଗମ କରାଏ । ତେଣୁ କାହିଁ କେବେଠୁ ଏଭଳି ରାସ୍ତା କରାଯାଉଛି ।











# ମାନବ ଡୋମିନୋସ୍

ଡୋମିନୋସ୍ ଖେଳ ବିଷୟରେ ଊଣା ଅଧିକେ ସମସ୍ତେ ଜାଣିଥିବେ । ଏଥିରେ ଅନେକ ଆୟତାକାର ପ୍ଲାଷ୍ଟିକ କାର୍ଡ ହେଉ ଅବା କୌଣସି ଓଜନିଆ ଆୟତାକାର ଜିନିଷକୁ ଭୂଲମ୍ବ କରି ଗୋଟିକ ପଛରେ ଗୋଟିଏ ରଖାଯାଏ । ଆଉ ପ୍ରଥମରେ ଥିବା କାର୍ଡକୁ ସାମାନ୍ୟ ଠେଲି ଦିଆଯାଏ । ଯଦ୍ଵାରା ପଛକୁ ପଛ ଥିବା କାର୍ଡଗୁଡିକ ଗୋଟିକ ପରେ ଗୋଟେ ପଡିବାକୁ ଲାଗେ । ଏହା ଦେଖିବାକୁ ବେଶ୍ ମଜାଦାର । ତେବେ ଏହି ଡୋମିନୋକୁ ନେଇ ବି ଏକ ରେକର୍ଡ ହୋଇଛି । ହେଲେ ଏଥିରେ କୌଣସି ପ୍ଲାଷ୍ଟିକ କାର୍ଡ କିମ୍ବା ଆୟତାକାର ଅନ୍ୟ କୌଣସି ଜିନିଷର ବ୍ୟବହାର ହୋଇ ନାହିଁ ବରଂ ଏଥିରେ ମଣିଷ ଡୋମିନୋ କାର୍ଡ ସାଜିଥିଲେ । ହଜାର ହଜାର ଲୋକ ଗୋଟେ ଗୋଟେ ମ୍ୟାଟ୍ରେସ୍ ଧରି ପଛକୁ ପଛ ଠିଆ ହୋଇ ଏହି ଖେଳ ଖେଳିଥିଲେ । ଯେତେବେଳେ ପ୍ରଥମ ବ୍ୟକ୍ତିଙ୍କୁ ଠେଲା ଯାଇଥିଲା ସେ ପଛରେ ମ୍ୟାଟ୍ରେସ୍ ଧରି ଠିଆ ହୋଇଥିବା ବ୍ୟକ୍ତିଙ୍କ ଉପରେ ପଡିଲେ । ସେହି ପଛ ବ୍ୟକ୍ତି ତାଙ୍କ ପଛରେ ଥିବା ବ୍ୟକ୍ତିଙ୍କ ଉପରେ ପଡିଲେ । ଏମିତିରେ ଜଣକ ଉପରେ ଜଣେ ପଡି ଏହି ନିଆରା ଡୋମିନୋ ଖେଳା ଯାଇଥିଲା । ଏଥିରେ ୨୩୫୫ ଜଣ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ଫିଲିପାଇନ୍ସର ମାନିଲାରେ ଥିବା ଏସ୍ଏମ୍ଏକ୍ସ କନଭେନ୍ସନ ସେଣ୍ଟରରେ ଏହି ଅଜବ ଡୋମିନୋସ୍ର ଆୟୋଜନ ହୋଇଥିଲା । ୟୁରାଟେକ୍ସ ମ୍ୟାଟ୍ରେସ୍ର ୫୫ତମ ଜନ୍ମ ବାର୍ଷିକୀ ଅବସରରେ ଏହା ଆୟୋଜିତ ହୋଇଥିଲା । ଆଉ ଏହା ସବୁଠୁ ବଡ଼ ହ୍ୟୁମାନ ମ୍ୟାଟ୍ରେସ୍ ଡୋମିନୋସ୍ ଭାବେ ରେକର୍ଡ କରିଥିଲା ।

# ବିଜ୍ଞାନ ବିସମ୍ବାଦ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ



ବିଜ୍ଞାନ ମାନେ ବିଶେଷ ଜ୍ଞାନ । ଆଜିକାଲି ବିଜ୍ଞାନ ସହ କାନ ନ ଶୁଣା ବିଷୟ ଆମ ପିଲାଏ ଏମିତି ପଢୁଛନ୍ତି ଯେ ଆଖି ଟେରେଇ ଯାଉଛି, କାନ ତାବଦା ହୋଇଯାଉଛି। ସେମିତି ଗୋଟିଏ ପାଠ ରାଜନୀତି ବିଜ୍ଞାନ ଯାହାର ନାଁରେ ବିଜ୍ଞାନ ଶବ୍ଦଟି ଯୋଡ଼ି ହୋଇରହିଛି । ଏହାର ନାମକରଣ କରିଥିବା ଲୋକ ଯେ ପୃଥିବୀର ସବୁଠୁ ଜ୍ଞାନୀ ଓ ଦୂରଦ୍ରଷ୍ଟା ଥିଲେ ସେଥିରେ କାହାର ଦ୍ୱିମତ ହେବାର ନାହିଁ । ଇତିହାସ ସାକ୍ଷୀ ଅଛି ରାଜନୀତିକୁ ନେଇ ଯେତିକି ପରୀକ୍ଷା ନିରୀକ୍ଷା ହେଇଛି କିମ୍ବା ହେଉଛି ସେତିକି ବିଜ୍ଞାନର ଅନ୍ୟ କୌଣସି ବିଷୟରେ ହେଉ ନ ଥିବ । ମୁଁ ଯେତେବେଳେ କୌଣସି ରାଜନେତାଙ୍କୁ ଦେଖେ ଭକ୍ତିରେ ମୋ ମୁଣ୍ଡ ନଇଁଯାଏ । ଶାସ୍ତ୍ର କହୁଛି ମାନବ ସେବା ହେଲା ମାଧବ ସେବା । ରାଜନେତାମାନେ ଶୟନେ ସପନେ ଜାଗରଣେ କେବଳ ଜନସାଧାରଣଙ୍କ କଥା ଭାବନ୍ତି । ନିର୍ବାଚନରେ କୋଟି କୋଟି ଟଙ୍କା ଉଚ୍ଛାବର କରିଦିଅନ୍ତି କେବଳ ଗରିବ ଲୋକଙ୍କ ସେବା କରିବା ପାଇଁ । ଯେପରି ପ୍ରାୟ ସବୁ ବିଶ୍ୱସୁନ୍ଦରୀଙ୍କ ଆଦର୍ଶ ହେଲେ ମଦର ଟେରେସା ଓ ମାଟ୍ରିକ୍‌ରେ ଭଲ ନମ୍ବର ରଖିଥିବା ସବୁ ପିଲାଙ୍କ ଇଚ୍ଛା ବଡ଼ ହେଲେ ଗୋପବନ୍ଧୁ, ଗାନ୍ଧୀ କି ସୁଭାଷ ହେବା, ସେମିତି ସବୁ ନିର୍ବାଚିତ ରାଜନେତାଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଲା ଦେଶର ଉନ୍ନତି, ଗରିବଙ୍କ ସେବା। ସଚେତନ, ଅବଚେତନ ସ୍ତରରେ ଦେଶସେବାର ତପ୍ତ ଶୋଣିତ ଯାହାଙ୍କ ଦେହରେ ପ୍ରବାହିତ ସେ ତ ସାକ୍ଷାତ୍ ନାରାୟଣ, ସ୍ୱୟଂ ଚଳନ୍ତି ଠାକୁର !

ଥରେ ଜଣେ ବିଜ୍ଞ ବ୍ୟକ୍ତି କହିଥିଲେ ଯେଉଁମାନେ ନିଜ ଖଟତଳକୁ ଅଣଦେଖାକରି ବାକି ଘରକୁ ଓଳେଇ ସଫା କରନ୍ତି ସେମାନେ ରାଜନୀତି କରିବାକୁ ଯୋଗ୍ୟ । କହିବାର ତାତ୍ପର୍ଯ୍ୟ ହେଲା ନିଜେ ଅନୀତିରେ ରହି ଅନ୍ୟକୁ ନୀତିଶିକ୍ଷା ଭାଷଣ ଦେଉଥିବା ଲୋକ ରାଜନୀତି ପାଇଁ ନିହାତି ଯୋଗ୍ୟ । ଦର୍ଶନଶାସ୍ତ୍ର କହୁଛି କଳା ବିନା ଧଳାର କିମ୍ବା ଧଳା ବିନା କଳାର ଅସ୍ତିତ୍ୱ ନାହିଁ । ଆଲୋକ ଅଛି ମାନେ ସେଠି ଅନ୍ଧାର ନିଶ୍ଚେ ଅଛି । ସେହିପରି ନୀତି ଅଛି ମାନେ ସେଠି ଅନୀତି, ଦୁର୍ନୀତି ରହିବ। ଅନୀତି ବିନା ନୀତିକୁ ଜାଣିବା କେଡ଼େ ମୁସ୍କିଲ ଅନୁଭବୀ ଲୋକ ଜାଣେ । ତେଣୁ ରାଜନୀତିରେ କେବଳ ନୀତି ଖୋଜିବା ଦର୍ଶନଶାସ୍ତ୍ରର ବିରୋଧାଭାସ ବୋଲି ବୁଝିବାକୁ ହେବ । ରାଜନୀତିରେ ନୀତି ଅନୀତିର ସମତୁଲ ରଖିଲେ ଡଙ୍ଗା ବାହିବା ସହଜ ନଚେତ ଇତିହାସ ଯାହା କହୁଛି କେବଳ ନୀତି କିମ୍ବା କେବଳ ଅନୀତି ସର୍ବସ୍ୱ ରାଜନୈତିକ ବିଜ୍ଞାନୀମାନେ ଅକାଳରେ ରାଜନୀତିର ଦୃଶ୍ୟପଟ୍ଟରୁ ଉଭାନ୍ ହେଇଯିବାର ନିଶ୍ଚିତ ସମ୍ଭାବନା ଅଛି । ତେଣୁ ଜଣେ ସଫଳ ରାଜନୀତିଆ ବୈଜ୍ଞାନିକଙ୍କ ପାଇଁ ନୀତିବାନ୍ ହେବା ଯେତିକି ଜରୁରୀ ନୀତି ବିରୋଧୀ ହେବା ସେତିକି ଜରୁରୀ । ବିଜ୍ଞାନ ଶିକ୍ଷକ ଓ ବୈଜ୍ଞାନିକମାନଙ୍କ ଭିତରେ ପ୍ରଭେଦ ଯେତିକି ଜଣେ ରାଜନୀତି ବିଜ୍ଞାନର ଶିକ୍ଷକ ଓ ରାଜନୈତିକ ନେତାଙ୍କ ଭିତରେ ପ୍ରଭେଦ ସେତିକି । ଥରେ ସ୍ନାତକ ପିଲାଙ୍କୁ ପଢ଼ାଉଥିବା ଜଣେ ପ୍ରାଧ୍ୟାପକ ସ୍କୁଲ ଛାତ୍ରଙ୍କୁ ପଢ଼େଇବାକୁ ଯାଇ ହଟହଟାର ଶିକାର ହେଇଥିଲେ । କିନ୍ତୁ ଆଇନଷ୍ଟାଇନଙ୍କ ଭଳି ବୈଜ୍ଞାନିକ ଅତି ସହଜ ଓ ସରଳ ଭାବରେ ସ୍କୁଲପିଲାଙ୍କୁ ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିର ଗୂଢ଼ ତତ୍ତ୍ୱ ବୁଝେଇଦେଇ ପାରୁଥିଲେ। ଅବଦୁଲ କଲାମଙ୍କ ପିଲାଙ୍କ ପାଇଁ ଶିକ୍ଷାଦାନ ପଦ୍ଧତି ସର୍ବଜନବିଦିତ। କଥା ହେଲା ସେ ପୋଥି ପଣ୍ଡିତ ନ ହୋଇ ବିଜ୍ଞାନର ମଞ୍ଜିକୁ ଯାଇଥିଲେ, ନିଜେ ବୈଜ୍ଞାନିକ ଥିଲେ ତେଣୁ ପିଲାମାନଙ୍କୁ ବୁଝେଇ ପାରୁଥିଲେ । ସେହିପରି ରାଜନୈତିକ ବିଜ୍ଞାନୀମାନେ ରାଜନୀତିର ମଞ୍ଜିକୁ ବୁଝିଛନ୍ତି ବୋଲି ନିଜେ ଅନୀତିରେ ଥାଇ ପ୍ରତିଥର ନିର୍ବାଚନରେ ଆମକୁ ନୀତି ବିଷୟରେ ବୁଝେଇ ଆମ ଉପରେ ରାଜ୍ କରିପାରୁଛନ୍ତି ।

ମୋ ଆଖିଦେଖା ଗୋଟିଏ ଉଦାହରଣ କହେ । ଏକଦା ଗୋଟେ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଏକ ବିଶେଷ ସନ୍ଦର୍ଭ ଉପରେ ଆଲୋଚନା ଚକ୍ରର ଆୟୋଜନ ହୋଇଥାଏ । ଦେଶର ନାମୀ ରାଜନୀତି ବିଜ୍ଞାନୀ, ଅଧ୍ୟାପକ, ପ୍ରାଧ୍ୟାପକ ତଥା ବିଶାରଦ ଯୋଗଦେଇଥାନ୍ତି । ଉଦ୍‌ଘାଟକ ଭାବେ ଜଣେ ଯୁବ ମନ୍ତ୍ରୀ ସେଠାକୁ ନିମନ୍ତ୍ରିତ ହୋଇଥିଲେ । ସଭାରେ ମନ୍ତ୍ରୀ ଏକ ଘଣ୍ଟା ଧରି ତାଙ୍କ ଅଭିଭାଷଣ ରଖିଲାବେଳେ ସମ୍ମୁଖରେ ବସିଥିବା ଜ୍ଞାନୀଗଣ ମନ୍ତ୍ରମୁଗ୍ଧ ଛାତ୍ରଙ୍କ ଭଳି ବିଷୟବସ୍ତୁକୁ ପିଇଯାଉଥାନ୍ତି । ଶେଷରେ ବିଭାଗୀୟ ମୁଖ୍ୟ ଧନ୍ୟବାଦ ଅର୍ପଣ ବେଳେ ଯାହାକହିଲେ ସେଥିରୁ ମୁଁ ଏତିକି ବୁଝିଲି ଉପସ୍ଥିତ ମନ୍ତ୍ରୀ ମହୋଦୟ ହିଁ ସେଠାରେ ଏକମାତ୍ର ଶିକ୍ଷକ ଯିଏ ରାଜନୀତି ବିଜ୍ଞାନ ବିଷୟରେ ଜାଣନ୍ତି ବାକି ସମସ୍ତେ ଅଜ୍ଞାନ । ସେ ଯାହାହେଉ ଏ ସବୁ ଯେ କେବଳ ରୀତିମତ ଗବେଷଣାର ଫଳ ସେଥିରେ କାହାର ଦ୍ୱିମତ ନାହିଁ। ରାଜନୈତିକ ନେତାମାନେ ଜଣେ ଜଣେ ସ୍ୱତନ୍ତ୍ର ବୈଜ୍ଞାନିକ କହିବାରେ ଆମର କାର୍ପଣ୍ୟ ଦେଖେଇବା ଅନୁଚିତ। ଜଣେ ବୈଜ୍ଞାନିକ ଜୀବନବ୍ୟାପୀ ନୂଆ ନୂଆ ଜିନିଷ ଆବିଷ୍କାର ଓ ଉଦ୍ଭାବନ କରିବାରେ ଆନନ୍ଦ ପାଏ । ସେମିତି ରାଜନୈତିକ ବୈଜ୍ଞାନିକ ଜଣଙ୍କ ଜୀବନବ୍ୟାପୀ ବିଭିନ୍ନ ଦଳରେ ରହି କ୍ଷମତାପ୍ରାପ୍ତିର ସୂକ୍ଷ୍ମ ଉପାୟ ଆବିଷ୍କାର କରୁଥାନ୍ତି । ଏଇ ସମାଜ ଦିନେ ଗାଲିଲିଓଙ୍କୁ ପାଗଳ ଆଖ୍ୟା ଦେଇଥିଲା ସତ ଅଥଚ ଗାଲିଲିଓଙ୍କୁ ସତ୍ୟର ଅନୁସନ୍ଧାନରୁ ନିବୃତ୍ତ କରିପାରିଥିଲା କି ? ସେମିତି ରାଜନୈତିକ ବୈଜ୍ଞାନିକମାନଙ୍କୁ ଆମେ ଯେତେ ନିନ୍ଦା କୁତ୍ସା କଲେ ବି ସେମାନେ ସେମାନଙ୍କ ଆୟାସସାଧ୍ୟ ଗବେଷଣାରୁ କେବେ ନିବୃତ୍ତ ହୁଅନ୍ତି ନାହିଁ । ଯାହାହେଲେ ବି ଦେଶସେବା ସର୍ବୋପରି । ସେମିତି ସାମାଜିକ ବିଜ୍ଞାନ, ସମାଜ ବିଜ୍ଞାନ। କ୍ଷେତ୍ର ଅଲଗା ସିନା ସମାଜକୁ ନେଇ ବିଜ୍ଞାନ । ପ୍ରଥମଟି ତତ୍ତ୍ୱ ଆଧାରିତ ହେଲାବେଳେ ଦ୍ୱିତୀୟଟି ପ୍ରୟୋଗ ଆଧାରିତ। ସେହି ପ୍ରୟୋଗରେ ବି ରାଜନୀତିର ରଙ୍ଗ ଟିକେ ଚିଥାଏ। ଘଟଣାଟିଏ କହିଲେ ବୁଝେଇ ହେବ । କିଛିବର୍ଷ ପୂର୍ବେ ଗୋଟିଏ ଗାଁରେ ଥିଲେ ଜଣେ ସମାଜ ସେବୀ । ଗାଁରେ ରହି ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ କରୁ କରୁ ଦିନେ ମନ ଦୁଃଖରେ ତାଙ୍କ ବନ୍ଧୁମାନଙ୍କୁ କହିଲେ, ସାରା ପୃଥିବୀରେ ଏତେ ସମସ୍ୟା ଥାଉ ଥାଉ ମୁଁ କେବଳ ଗାଁ ସମସ୍ୟାରେ ରହିଗଲି । ''ଦିଅ ଛାଡ଼ିଦିଅ ମୋତେ/ ଚାଲିଯିବି ମୁହିଁ ଚାଲିଯିବି ଆଜି/ବିଶ୍ୱଜୀବନ ପଥେ'' କହି ସେ ଦିନେ ଗାଁରୁ ଚାଲିଗଲେ । ଏବେ ତାଙ୍କର ତିନିଟା ନାମୀଦାମୀ ଏନ୍‌ଜିଓ ସଂସ୍ଥା । କୌଣସି ବଡ଼ କର୍ପୋରେଟ କମ୍ପାନୀର ଭ୍ରମ ସୃଷ୍ଟି କରୁଥିବା ଶୀତତାପ ନିୟନ୍ତ୍ରିତ ଅଫିସରେ ବସି ସେ ଏବେ ଆଫ୍ରିକାର ଜନଜାତିଙ୍କ ସ୍ୱାସ୍ଥ୍ୟ ଓ ସାକ୍ଷରତା ଉପରେ ଚିନ୍ତା କରୁଛନ୍ତି । ସେଥିପାଇଁ ବର୍ଷକୁ ଦୁଇ ତିନିଥର ୟୁରୋପୀୟ ଦେଶ ବୁଲି ଦେଶ ସେବା ଉପରେ ଜ୍ଞାନ ଆହରଣ କରୁଛନ୍ତି । ସ୍ଥାନୀୟ ସମସ୍ୟା ତାଙ୍କୁ ଜଣା ନ ଥିଲେ କ'ଣ ହେବ ଦେଶ ବିଦେଶର ସମସ୍ୟା ସବୁ ତାଙ୍କ ନଖଦର୍ପଣରେ ଥାଏ। ଆଗକୁ ନିର୍ବାଚନରେ ସେ ତାଙ୍କ ଗାଁରେ ନିର୍ବାଚନ ଲଢ଼ିବା ଯୋଜନାରେ ଅଛନ୍ତି । ଗାଁ ଲୋକଙ୍କୁ ବୁଝେଇ ଦେଇଛନ୍ତି, ଚିନ୍ତା ସିନା ଆଫ୍ରିକା ପାଇଁ କରୁଛନ୍ତି ହେଲେ ତାଙ୍କ ଆତ୍ମା ଅହରହ ଗାଁ ପାଇଁ କାନ୍ଦୁଛି । ତେଣୁ ସମାଜ ବିଜ୍ଞାନକୁ ପାଠରେ ପଢ଼ନ୍ତୁ ବା ନ ପଢ଼ନ୍ତୁ କିନ୍ତୁ କାମର ଗବେଷଣାରେ ପ୍ରୟୋଗର ସ୍କେଲ୍ ପକେଇ ଅନ୍ତର୍ଜାତୀୟ ସ୍ତରରେ ପ୍ରଗତିର ରାସ୍ତା ତିଆରି କରୁଥିବା ଏହି ଏନ୍‌ଜିଓଇଷ୍ଟ ଜଣେ ବଡ଼ ଏବଂ ବିଚକ୍ଷଣ ବୈଜ୍ଞାନିକ ବୋଲି ମାନିନେବାକୁ ହେବ । ରୁଷୋ, ଭଲଟେଆରଙ୍କ ଭଳି ସମାଜବିଜ୍ଞାନୀ ଯେମିତି ତାଙ୍କ ତୁଳନାରେ ବଡ଼ ତୁଚ୍ଛ ।

ଆଉ କିଛି ବୈଜ୍ଞାନିକ ଅଛନ୍ତି ସେମାନଙ୍କର ନା ଥିଓରି ( ତତ୍ତ୍ୱ) ନା ପ୍ରାକ୍ଟିକାଲ ( ପ୍ରୟୋଗ ) କୌଣସିଟିରେ ଆଗ୍ରହ ନ ଥାଏ । ସେମାନେ ଆଜନ୍ମ ବୈଜ୍ଞାନିକ । ସେମାନଙ୍କ ଗବେଷଣାତ୍ମକ ବିଶ୍ଳେଷଣ ଶୁଣିଲେ ବଡ଼ ବଡ଼ ରାଜନୀତି ବୈଜ୍ଞାନିକମାନେ ମଧ୍ୟ ତୋବା ହୋଇଯିବେ । ଏମାନେ ପ୍ରାୟତଃ ବିଭିନ୍ନ ଟେଲିଭିଜନ ବିତର୍କରେ ଦୃଶ୍ୟମାନ ହୁଅନ୍ତି । ସକାଳ ଚା ଦୋକାନ ବେଞ୍ଚରେ ବସି ରାଜନୀତି ଗୁଲିଖଟିର ଅଭ୍ୟାସ ଥିବା ଲୋକ ଏଥିପାଇଁ ଯୋଗ୍ୟ । ବିତର୍କରେ ଭାଗ ନେବାପାଇଁ ଜ୍ଞାନ ଅପେକ୍ଷା ବାକ୍‌ପ୍ରଗଳଭତାର ଯୋଗ୍ୟତା ଥିବାରୁ ଏମାନଙ୍କ ଭାଉ କାଉ ଭଳି । ବିତର୍କରେ କିଛି ସପକ୍ଷରେ, କିଛି ବିପକ୍ଷରେ ଓ ଆଉ ମଝିରେ ଜଣେ ଏହି ଦୁଇ ଗୋଷ୍ଠୀକୁ ଚିହାଇବା କାମ କରନ୍ତି । ଉଭୟ ଦଳଙ୍କୁ ଚିଡ଼ାଉଥିବା ମହାଜ୍ଞାନୀ ବ୍ୟକ୍ତିଜଣଙ୍କ ଯେକୌଣସି ବିଜ୍ଞାନୀଙ୍କଠାରୁ ଅଧିକ ଜ୍ଞାନୀ ବୋଲି ତାଙ୍କ ବିଶ୍ଳେଷଣରୁ ପ୍ରତ୍ୟୟ ହୁଏ । ଅତିଜ୍ଞାନୀ ମହାବିଜ୍ଞାନୀବହୁଳ ଦେଶରେ ପ୍ରକୃତ ବିଜ୍ଞାନ ଓ ଆମ ଭଳି ଅଜ୍ଞାନମାନେ ତଥାପି ବଞ୍ଚିରହିଛନ୍ତି ତାହା ହିଁ ଅଷ୍ଟମ ଆଶ୍ଚର୍ଯ୍ୟ ...

–ବନମାଳୀ ଭବନ, ଖାନ ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ବିଷମ ବାହୁ

**ଗଳ୍ପ ସଂକଳନ : ବିଷମ ବାହୁ, ଗାଳ୍ପିକ : ବିରଜା ରାଉତରାୟ, ପ୍ରକାଶକ: ଇଜିସ ପବ୍ଲିକେସନ, ମୂଲ୍ୟ ୬୦ ଟଙ୍କା ମାତ୍ର**


ସମକାଳୀନ ଗଳ୍ପଧାରାର ଜଣେ ନିଆରା ସ୍ୱର ବିରଜା ରାଉତରାୟଙ୍କ ଗଳ୍ପ ସଂକଳନ ବିଷମ ବାହୁ ତାଙ୍କ କଥା କାରିଗରୀର ସଦ୍ୟତମ ନିଦର୍ଶନ 'ପତାକା ଉତ୍ତୋଳନ' ଠାରୁ 'ଅଗଣା ଭର୍ତ୍ତି ତାରା' ଭଳି ସୁନ୍ଦର ଗଢଣର ଷୋହଳ ଗୋଟି ଗଳ୍ପକୁ ଧାରଣ କରିଥିବା 'ବିଷମ ବାହୁ ' ଗଳ୍ପ ସଂକଳନଟି ଅନେକ ଦିଗରୁ ସ୍ୱତନ୍ତ୍ର ନିତିଦିନିଆ ଜୀବନରେ ଘଟୁଥିବା ଘଟଣାର ନାଟକୀୟତା, ଜୀବନବାଦୀ ଦୃଷ୍ଟିକୋଣ, ପ୍ରତିକୂଳ ସମୟ ଭିତରେ ଉଭା ହେଉଥିବା ଚରିତ୍ରମାନଙ୍କ ଜୀବନବୋଧ ଓ ତାର ବିଶ୍ୱସନୀୟତାକୁ ନେଇ ଗତିଶୀଳ ତାଙ୍କ ଗଳ୍ପ ପ୍ରବାହ ଅର୍ଜିବାକୁ ସାମର୍ଥ୍ୟ ରଖେ ମୁଗ୍ଧ ପାଠକୀୟତା ।




### ବିହଙ୍ଗାବଲୋକନ

**ରମେଶ ଚନ୍ଦ୍ର ପଣ୍ଡା, ବନଫୁଲ ବୀରସୁରେନ୍ଦ୍ରସାଏ ନଗର ଭୁବନେଶ୍ୱର –୧୦, ମୂଲ୍ୟ–୩୫୦ଟଙ୍କା**


ବିହଙ୍ଗାବଲୋକନ ରମେଶ ଚନ୍ଦ୍ର ପଣ୍ଡାଙ୍କ ପୁସ୍ତକ । ଏଥିରେ ୧୧୭ଟି ଫିଚରଧର୍ମୀ ପ୍ରବନ୍ଧ ପ୍ରକାଶିତ ହୋଇଛି। ଯାହା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ସଂକଳକ ମୁଖବନ୍ଧରେ ସ୍ୱୀକାର କରିଛନ୍ତି। ଏଥିରେ ଆମ ଚାରିପାଖରେ ଘଟୁଥିବା ବିଭିନ୍ନ ଘଟଣାକୁ ନେଇ ଏ ପ୍ରବନ୍ଧଗୁଡିକ ଲେଖାଯାଇଛି। ପ୍ରବନ୍ଧଗୁଡିକ ଦୀର୍ଘ ନ ହେଲେ ମଧ୍ୟ ତାର ଗୁରୁତ୍ୱ ରହିଛି। ଯାହାକୁ ପଢିଲେ ପାଠକ ସ୍ୱତନ୍ତ୍ର ଅନୁଭୂତି ପାଇବେ। ଗଳ୍ପ ଗୁଡିକର ବର୍ଣ୍ଣନା ଯେପରି ହୃଦୟସ୍ପର୍ଶୀ ,କାହାଣୀ ସେପରି ଶିକ୍ଷଣୀୟ। ପୁସ୍ତକଟି ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା ଓ ବିଶ୍ୱାସ ।




### ଶ୍ରୀଲଙ୍କା ଅନୁଭୂତି

**ବିବେକାନନ୍ଦ ପାଣିଗ୍ରାହୀ, ସର୍ଜନା, ପାଣିଗ୍ରାହୀ ସାହି ଗୋସାଇଁ ନୂଆଗାଁ, ବ୍ରହ୍ମପୁର–୩, ମୂଲ୍ୟ–୧୬୦ଟଙ୍କା**

ଶ୍ରୀଲଙ୍କା ଅନୁଭୂତି ବିବେକାନନ୍ଦ ପାଣିଗ୍ରାହୀଙ୍କ ଲିଖିତ ଭ୍ରମଣ କାହାଣୀ । ଏଥିରେ ଶ୍ରୀଲଙ୍କା ଭ୍ରମଣ ସମୟର ୨୦ଟି ଅନୁଭୂତି ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି। ପ୍ରଥମ ବିଷୟ ଶ୍ରୀଲଙ୍କା ଯାତ୍ରାର ଆକର୍ଷଣ ଓ ପ୍ରସ୍ତୁତି ଥିବା ବେଳେ ଶେଷଟି ରାବଣ ରାଜ୍ୟରୁ ବିଦାୟ ବୋଲି ଲେଖାଯାଇଛି । ସିଂହଳ ନଗରୀର ରାସ୍ତାରେ ଧୂଳି ପରିବର୍ତ୍ତେ ସୁଗନ୍ଧିତ କର୍ପୁର ପଡିଥାଏ । ସେ ରାଜ୍ୟର ବୈଦ୍ୟମାନେ ବନ୍ୟ ହରିଡା ପରିବର୍ତ୍ତେ ସୁଗନ୍ଧିତ ଜାଇଫଳରେ ରୋଗୀ ଚିକିତ୍ସା କରନ୍ତି । ଏମିତି ଅନେକ ବିଷୟକୁ ନେଇ ପୁସ୍ତକଟି ରଚିତ ହେବାବେଳେ ସ୍ଥାନିତ ଫଟୋଗୁଡିକ ମଧ୍ୟ ପାଠକଙ୍କ ମନକୁ ଛୁଇଁବ ବୋଲି ବିଶ୍ୱାସ।



# ନାକ ନ ଥିବା ମହିଳା

ଚେହେରା ମଣିଷର ପରିଚୟ। ଚେହେରା ସୁନ୍ଦର ହେଇଥିଲେ ସମସ୍ତେ ବୁଲି ବୁଲି ଚାହାନ୍ତି। ଆଉ ଚେହେରା ଖରାପ ହୋଇଥିଲେ ଲୋକେ ଟାହିଟାପରା କରିବା, ଥଟ୍ଟା କରିବାକୁ ପଛାନ୍ତି ନାହିଁ। ତେବେ ଏମିତି ବି ଜଣେ ମହିଳା ଅଛନ୍ତି ଯାହାଙ୍କର ନାକ ନାହିଁ।




ନାକ ସ୍ଥାନରେ କେବଳ ଏକ ବଡ଼ କଣା ଅଛି। ଏହାକୁ ଲୁଚାଇବା ପାଇଁ ସେ କୃତ୍ରିମ ନାକ ବି ଲଗାଇ ନାହାନ୍ତି। ଏଭଳି ଚେହେରାକୁ ନେଇ ଲୋକ ତାଙ୍କୁ ଅନେକ କଥା କହୁଛନ୍ତି । ତଥାପି ସେ ନିଜ ଚେହେରାକୁ ନେଇ ବେଶ୍ ଖୁସିରେ ଅଛନ୍ତି। ଏହି ମହିଳାଜଣକ ହେଉଛନ୍ତି ଆମେରିକାର ଟିନା ଅର୍ଲସ। ତେବେ ତାଙ୍କ ନାକ ଜନ୍ମରୁ ଏମିତି ନ ଥିଲା। ୨୦୧୪ରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କର ଷ୍ଟେଜ୍ ୨ ନାଜାଲ କ୍ୟାନ୍ସର ଅଛି। ଯଦି ସେ ରେଡିଓ ଥେରାପୀ ନେଉଛନ୍ତି ତେବେ ତାଙ୍କ ଦୃଷ୍ଟିଶକ୍ତି, ମସ୍ତିଷ୍କ ଓ ଚେହେରା ଉପରେ ଖରାପ ପ୍ରଭାବ ପଡ଼ିବାର ଆଶଙ୍କା ଥିଲା। ତେଣୁ ସେ ଏକ ବଡ଼ ନିଷ୍ପତ୍ତି ନେଲେ ଓ ଅପରେସନ୍ କରାଇ ପୁରା ନାକକୁ କାଟି ବାହାର କରିଦେଲେ। ସାଧାରଣତଃ ଏଭଳି ସର୍ଜରୀ ପରେ ଲୋକେ ପ୍ରୋସ୍ଥେଟିକ ନାକ ଲଗାଇଥାନ୍ତି। ହେଲେ ଟିନା ଏହାର ବ୍ୟବହାର କଲେ ନାହିଁ। କାରଣ ଏହାକୁ ପ୍ରଥମେ କିଛିଦିନ ଲଗାଇବାରୁ କୁଣ୍ଡାଇ ହେଲା। ତେଣୁ ସେ ଏହାକୁ ବ୍ୟବହାର ନ କରି ବେଳେବେଳେ ନାକ ଉପରେ ଏକ ପ୍ୟାଚ୍ ଲଗାଇ ଦିଅନ୍ତି। ଯେମିତିକି କଣା ବନ୍ଦ ରହିବ ଓ ଧୂଳି ତା' ଭିତରକୁ ପଶିବ ନାହିଁ। ହେଲେ ପ୍ରାୟ ଅଧିକାଂଶ ସମୟ ସେ ସେମିତି ନାକ ଖୋଲା ରଖନ୍ତି।

# ରୋବୋ କରୁଛି ପୁଶ୍ ଅପ୍

ବ୍ୟାକ୍ ପେଜ୍



ସୁସ୍ଥ ରହିବା ଲାଗି ମଣିଷ ବ୍ୟାୟାମ କରେ। ନାନା ପ୍ରକାରର ବ୍ୟାୟାମ ଭିତରେ ପୁଶ୍ ଅପ୍ ଅନ୍ୟତମ। ଏହା ଶରୀର ପାଇଁ ବେଶ୍ ଉପକାରୀ। ହେଲେ ସମସ୍ତଙ୍କ ପକ୍ଷେ ପୁଶ୍ ଅପ୍ କରିବା ସମ୍ଭବ ହୋଇ ନ ଥାଏ। କାରଣ ଏହାକୁ କରିବା ଲାଗି ହାତ ଗୋଡ ସେତିକି ଶକ୍ତ ହେବା ଦରକାର। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ରୋବୋଟିକ୍ ସାଇନ୍ସ ଏତେ ଉନ୍ନତ ହୋଇଗଲାଣି ଯେ, ରୋବୋ ବି ପୁଶ୍ ଅପ୍ କରି ପାରୁଛନ୍ତି। କେବଳ ସେତିକି ନୁହେଁ ଏକ ହ୍ୟୁମାନୋଏଡ ରୋବୋ ତ ସର୍ବାଧିକ ପୁଶ୍ ଅପ୍ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ମଧ୍ୟ ପାଇଛି। ୟୁନିଭର୍ସିଟି ଅଫ୍ ଟୋକିଓ ତିଆରି କରିଥିବା ୫ ଫୁଟ ୫ ଇଞ୍ଚର ହ୍ୟୁମାନୋଏଡ ବାୟୋମିମେଟିକ୍ ରୋବୋ 'କେଙ୍ଗୋରୋ' ୨୦୧୬ରେ ୫ଟି ପୁଶ୍ ଅପ୍ କରି ରେକର୍ଡ କରିଛି। କଙ୍ଗୋରୋକୁ ଏଭଳି ଡିଜାଇନ୍ କରାଯାଇଛି ଯେ, ଏହାର ଶରୀର ମଣିଷ ପରି ବିଭିନ୍ନ ପ୍ରକାରର କାମ କରିପାରିବ। ତା'ସହ ଏହା ଭିତରେ ମଣିଷ ପରି କ୍ଷମତା ଆଣିବାକୁ ଚେଷ୍ଟା କରାଯାଇଛି। ଏହା ଫ୍ଲେକ୍ସିବଲ ସହ ଷ୍ଟ୍ରଙ୍ଗ ବି। ଏହାର ହାତ ଓ ଗୋଡ ଏତିକି ଶକ୍ତ ଯେ, ସେ ନିଜ ଶରୀରର ଭାରକୁ ବହନ କରିପାରେ। ତେଣୁ ଏହି ରୋବୋ ଖୁବ୍ ସହଜତାର ସହ ପୁଶ୍ ଅପ୍ କରିପାରେ। ଯାହାକୁ ଦେଖିଲେ ବେଶ୍ କୌତୁହଳମୟ ଲାଗେ।



# ବଡ଼ ଛତା



ଖରା, ବର୍ଷାର ସାଥୀ ଛତା। ଏଇ ଛତାରେ ଏକା ଯିବା ଅପେକ୍ଷା ଜଣେ ସାଥୀ ଥିଲେ ବେଶୀ ଭଲ ଲାଗେ। ତେଣୁ ବଡ଼ ଛତା ସମସ୍ତେ ଖୋଜନ୍ତି। ତେବେ ଜାଣନ୍ତି କି ଏମିତି ବି ଏକ ଛତା ଅଛି, ଯାହା ପୃଥିବୀର ସବୁଠାରୁ ବଡ଼। ଏହା ତଳେ ଜଣେ ନୁହେଁ ବରଂ ଶହ ଶହ ଲୋକ ରହିପାରିବେ। ଦୁବାଇରେ ତିଆରି ହୋଇଛି ଏହି ବଡ଼ ଛତା, ଯାହାର ବ୍ୟାସ ୨୪.୫ମିଟର ଓ ଉଚ୍ଚତା ୧୫.୨୨ ମିଟର। ଦୁବାଇର ଅକଦରସ୍ଥ ଖଲିଫା ଏମ୍ପାୱରମେଣ୍ଟ ପ୍ରୋଗ୍ରାମ ଉକ୍ତ ଛତାକୁ ତିଆରି କରିଛି। ଏମିରେଟ୍ସ ହାପିନେସ୍ ଇଭେଣ୍ଟକୁ ପାଳନ କରିବା ଲାଗି ଏହାକୁ ତିଆରି କରାଯାଇଥିଲା।